## ଟ୍ରେନ୍ ଧକ୍କାରେ ଜଣେ ମୃତ

କେନ୍ଦୁଝର, (ସ୍ୱ.ପ୍ର.): କେନ୍ଦୁଝର ସଦର ଥାନା ଅନ୍ତର୍ଗତ କଣ୍ଡରାପଶି ଗ୍ରାମ ନିକଟରେ ରବିବାର ଟ୍ରେନ୍‌ରେ କଟି ଜଣଙ୍କ ମୃତ୍ୟୁ ଘଟିଛି। ମୃତକଙ୍କ ନାମ ରାମ ମୁଣ୍ଡା। ତାଙ୍କ ଘର ସ୍ଥାନୀୟ ଅଞ୍ଚଳରେ ବୋଲି ଜଣାପଡ଼ିଛି। ପୋଲିସ ଘଟଣା ସ୍ଥଳରେ ପହଞ୍ଚି ମୃତଦେହ ଜବତ କରିବା ସହ ତଦନ୍ତ ଆରମ୍ଭ କରିଛି। ସେ ନିଶାସକ୍ତ ଅବସ୍ଥାରେ ରେଳ ଲାଇନ ନିକଟରେ ବୁଲୁଥିବା ସ୍ଥାନୀୟ ଲୋକ କହିଛନ୍ତି। ତଦନ୍ତ ପରେ କାରଣ ଜଣା ପଡ଼ିବ ବୋଲି ପଳାଶପଙ୍ଗା ଫାଣ୍ଡି ଅଧିକାରୀ ଭୋଲେଶ୍ୱର୍ ନାୟକ କହିଛନ୍ତି।

## ସଂକ୍ଷେପରେ

### ଗାଁରେ ପଶିଲା ଦନ୍ତା



ବୈଶିଙ୍ଗା,୨୯।୫(ଡି.ଏନ.ଏ.): ମୟୂରଭଞ୍ଜ ଜିଲାର ବୈଶିଙ୍ଗା ବଜାର ଉପକଣ୍ଠ ମହୁରୀ, ଡାହିବାଡି ଓ ରଙ୍ଗାମାଟିଆ ଆଦି ଗ୍ରାମରେ ଏକ ଦନ୍ତାହାତୀ ପଶିଛି। ରବିବାର ସକାଳେ ହଠାତ୍ ଗ୍ରାମ ରାସ୍ତାରେ ହାତୀକୁ ଦେଖି ଲୋକ ଭୟଭୀତ ହୋଇ ପଡ଼ିଥିଲେ। ତେବେ ଏହି ଗୋଠଛଡା ହାତୀର ଆକ୍ରମଣାତ୍ମକ ସ୍ୱଭାବ ନ ଥିଲା। ଏହାର ସୁଯୋଗ ନେଇ ବହୁ ସଂଖ୍ୟକ ଯୁବକ ହାତୀର ନିକଟତର ହୋଇ ଫଟୋ ଉଠାଉଥିବା ଲକ୍ଷ୍ୟ କରାଯାଇଥିଲା। ପରେ ବନ ବିଭାଗର ଅଧିକାରୀମାନେ ପହଞ୍ଚି ହାତୀଟିକୁ ଜଙ୍ଗଲ ଆଡ଼କୁ ଘଉଡାଇ ଦେଇଥିଲେ। ପରବର୍ତ୍ତୀ ସମୟରେ ପୁଣି ହାତୀଟିକୁ ବୈଶିଙ୍ଗା ବଡ଼ସାହି ମୁଖ୍ୟ ରାସ୍ତା ଉପରେ ଚଳପ୍ରଚଳ କରୁଥିବା ଦେଖିବାକୁ ମିଳିଥିଲା। ଖିରିପଦା ଠାରେ କିଛି ସମୟ ପାଇଁ ଗାଡ଼ି ମଟର ଚଳାଚଳ ବ୍ୟାହତ ହୋଇଥିଲା। କିଛି ସମୟ ପରେ ହାତୀଟି ଦଲଦଲି ଜଙ୍ଗଲ ଭିତରକୁ ଚାଲି ଯିବା ପରେ ଗାଡ଼ି ମୋଟର ଚଳାଚଳ ସ୍ୱାଭାବିକ ହୋଇଥିଲା।

### ନକଲି ଏମ୍‌ଭିଆଇଙ୍କ ୩ ସହଯୋଗୀ ଗିରଫ

ଜଳେଶ୍ୱର, ୨୯।୫(ଡି.ଏନ୍.ଏ.)-ବାଲେଶ୍ୱର ଜିଲା ଜଳେଶ୍ୱର ନିକଟ ୬୦ନଂ. ଜାତୀୟ ରାଜପଥର ଲକ୍ଷ୍ମଣନାଥ ଟୋଲପ୍ଲାଜା ନିକଟରେ ହେଉଥିବା ଚାନ୍ଦା ଆଦାୟ, ରାହାଜାନି, ଛିନ୍ତାଇ ବଢିଚାଲିଥିଲେ ମଧ ଅଦ୍ୟାବଧି ତାହା ରୋକାଯାଇପାରୁନାହିଁ। ୫ଦିନ ପୂର୍ବେ ଜଣେ ନକଲି ଏମ୍‌ଭିଆଇଙ୍କୁ ଗିରଫ ଘଟଣା ପରେ ଜଳେଶ୍ୱର ପୋଲିସ ତାଙ୍କ ୩ ସହଯୋଗୀଙ୍କୁ ଗିରଫ କରିବାକୁ ସଫଳ ହୋଇଛି। ସେମାନେ ହେଲେ ଡେଘରୀ ଗାଁର ରାହୁଲ ଗିରି, ଶାହାଡାପଡାର ବିକ୍ରମ ଗିରି ଓ ନାଙ୍ଗୁଡସାହିର ସାଗର ସେଠୀ। ପୋଲିସ ବିଳମ୍ବିତ ରାତିରେ ବେଆଇନ୍ ଚାନ୍ଦା ଆଦାୟ ଅଭିଯୋଗରେ ସେମାନଙ୍କୁ ଗିରଫ କରି କୋର୍ଟଚାଲାଣ କରିଛି।

ଏହି ୩ ଯୁବକ ବର୍ଷେ ପୂର୍ବେ ବେଆଇନ ଚାନ୍ଦା ଆଦାୟ ଅଭିଯୋଗରେ ଗିରଫ ହୋଇ ୩ ମାସ ଜେଲରେ ରହି ମୁକୁଳିବା ପରେ ଏବେ ପୁଣି ସେହି କାର୍ଯ୍ୟରେ ଲିପ୍ତ ରହୁଥିବା ଦେଖିବାକୁ ମିଳିଛି। ତାଙ୍କ ଅନ୍ୟ ସହଯୋଗୀ ମଧ ଫେରାର ଅଛନ୍ତି।

### କାଳବୈଶାଖୀରେ ଛପର ଉଡିଲା

ଖଇରା, ୨୯।୫(ଡି.ଏନ.ଏ.)-ରବିବାର ଅପରାହ୍ନରେ କାଳବୈଶାଖୀ ପ୍ରଭାବରେ ବାଲେଶ୍ୱର ଜିଲା ଖଇରା ବ୍ଲକରେ ବ୍ୟାପକ କ୍ଷତି ଘଟିଛି। ନୟାଖଣ୍ଡି ପଞ୍ଚାୟତ ଅଧୀନ ଭିତରକନିକା ଗ୍ରାମର ଜୀବନ କିଶୋର ଦାସଙ୍କ ଛପରଘର ୮୦ଭାଗ ଅଂଶ ଭାଙ୍ଗିରୁଜି ଯିବା ସହ ଆସବାବପତ୍ର ନଷ୍ଟ ହୋଇଛି। ଯାହାର ଆନୁମାନିକ ମୂଲ୍ୟ ୫ଲକ୍ଷରୁ ଉର୍ଦ୍ଧ୍ୱ ହେବ ବୋଲି କୁହାଯାଉଛି। କ୍ଷତିଗ୍ରସ୍ତଙ୍କୁ ସହାୟତା ଦେବା ଲାଗି ପୂର୍ବତନ ସମିତିସଭ୍ୟ ମାନସ ମହାପାତ୍ର ଦାବି କରିଛନ୍ତି। ସେହିଭଳି ଅଚ୍ୟୁତିପୁର ପଞ୍ଚାୟତ ଅଧୀନ ନନ୍ଦପୁର ଗ୍ରାମରେ ଏକ ବରଗଛ ଉପୁଡି ପଡିବା କାରଣରୁ ଉପେନ୍ଦ୍ର ବେହେରାଙ୍କ ଘର ନଷ୍ଟ ହେବା ସହ ବିଦ୍ୟୁତଖୁଣ୍ଟ ଭାଙ୍ଗି ପଡିଛି। ସେହିଭଳି ବହୁ ଜାଗାରେ ବିଦ୍ୟୁତ ଖୁଣ୍ଟ ନଷ୍ଟ ହେବା ଯୋଗୁ ବିଦ୍ୟୁତ ଯୋଗାଯୋଗ ବିଛିନ୍ନ ହୋଇ ପଡିଛି।

### ଅବସରପ୍ରାପ୍ତ ସିଆର୍‌ସିସିଙ୍କ ପରଲୋକ

ଭଦ୍ରକ ଅଫିସ,୨୯।୫-ଭଦ୍ରକ ଜିଲା ବନ୍ତ ବ୍ଲକ ଅଡ଼ାଳପଙ୍କ ଗ୍ରାମର ପୂର୍ବତନ ସିଆର୍‌ସିସି ମୁକ୍ତେଶ୍ୱର ଶତପଥୀ (୭୫)ଙ୍କର ରବିବାର ପୂର୍ବାହ୍ନରେ ହୃଦ୍‌ଘାତରେ ପରଲୋକ ହୋଇଛି। ଶନିବାର ଅସୁସ୍ଥ



ହେବାରୁ ତାଙ୍କୁ କଟକ ବଡ଼ ଡାକ୍ତରଖାନାକୁ ନିଆଯାଇଥିଲା। ସେଠାରେ ଚିକିତ୍ସାଧୀନ ଅବସ୍ଥାରେ ତାଙ୍କର ମୃତ୍ୟୁ ଘଟିଥିଲା। ତାଙ୍କ ମରଶରୀର ଗାଁରେ ପହଞ୍ଚିବା ପରେ ଶୋକାକୁଳ ପରିବେଶରେ ଅପରାହ୍ନରେ ଶେଷକୃତ୍ୟ ସମ୍ପନ୍ନ ହୋଇଛି। ସେ ଅଡ଼ାଳପଙ୍କସ୍ଥିତ କୃପାସିନ୍ଧୁ ଉଚ୍ଚ ବିଦ୍ୟାଳୟରେ ଚାକିରି ଆରମ୍ଭ କରିଥିବା ବେଳେ ହାଟଡିହୀ ବ୍ଲକରେ ସିଆର୍‌ସିସି ଥିଲେ। ଅବସର ପରେ ବିଭିନ୍ନ ସାମାଜିକ କାର୍ଯ୍ୟରେ ନିଜକୁ ନିୟୋଜିତ ରଖିଥିଲେ।

# ଖୁବ୍‌ଶୀଘ୍ର କାର୍ଯ୍ୟକାରୀ ହେବ ଦୀଘା-ଜଳେଶ୍ୱର ରେଳପଥ

ଭୋଗରାଇ, ୨୯।୫(ଡି.ଏନ.ଏ.)

- ଉପକୃତ ହେବେ ଦୁଇ ରାଜ୍ୟ ସୀମାନ୍ତବାସୀ
- ଦୀଘା ରେଳଷ୍ଟେଶନରେ ୩୧ରେ ହେବ ମନ୍ କି ବାତ୍

ଓଡ଼ିଶା-ପଶ୍ଚିମବଙ୍ଗ ଲୋକପ୍ରତିନିଧିଙ୍କ ଦୀର୍ଘଦିନର ଦାବି ହୋଇଆସୁଥିବା ଦୀଘା-ଜଳେଶ୍ୱର ବ୍ରଡ଼ଗେଜ ରେଳପଥ ଖୁବ୍‌ଶୀଘ୍ର କାର୍ଯ୍ୟକାରୀ ହେବ ବୋଲି ଦକ୍ଷିଣପୂର୍ବ ରେଳ ଡିଭିଜନ ପକ୍ଷରୁ ସୂଚନା ମିଳିଛି। ଏଥିପାଇଁ ବାଲେଶ୍ୱର ଜିଲା ଭୋଗରାଇ ବ୍ଲକ ସୀମାନ୍ତ ପଶ୍ଚିମବଙ୍ଗ ଦୀଘା ରେଳଷ୍ଟେଶନରେ ବିଭାଗୀୟ କର୍ମଚାରୀ ପକ୍ଷରୁ ତତ୍ପରତା ପ୍ରକାଶ ପାଇଛି। ୧୯୯୪ ମସିହାରୁ ବାଲେଶ୍ୱର ଜିଲା ଜନପ୍ରତିନିଧିଙ୍କ ଏହି ରେଳପଥ ପାଇଁ ଦାବି ହୋଇଆସୁଥିବା ବେଳେ ୨୦୦୫ରେ ଓଡ଼ିଶାର ପୂର୍ବତନ ମନ୍ତ୍ରୀ ତଥା ଭୋଗରାଇ ବିଧାୟକ ଅନନ୍ତ ଦାସଙ୍କ ଉଦ୍ୟମରେ ବିଧାନସଭା ଷ୍ଟାଣ୍ଡିଂ କମିଟି ଉକ୍ତ ରେଳପଥକୁ କେନ୍ଦ୍ର ସରକାରଙ୍କୁ ସୁପାରିଶ କରିଥିଲେ। ତାଙ୍କ ନେତୃତ୍ୱରେ ବିଧାନସଭାର ଏକ ପ୍ରତିନିଧି ଦଳ ଏନ୍‌ଡିଏ ସରକାରଙ୍କ ପୂର୍ବତନ ରେଳମନ୍ତ୍ରୀ ଥିବା ସୁଶ୍ରୀ ମମତା ବାନାର୍ଜୀଙ୍କୁ ଭେଟି ରେଳପଥ ସମ୍ପର୍କରେ ଅବଗତ କଲା ପରେ ୨୦୦୯-୧୦ ମସିହାରେ ରେଳ ପ୍ରକଳ୍ପ ନିମନ୍ତେ ୬୫ ଲକ୍ଷ ଟଙ୍କା ମଞ୍ଜୁର ହୋଇଥିଲା। ୨୦୧୦-୧୧ ମସିହା ଆର୍ଥିକ ବର୍ଷରେ ଦୀଘା-ଜଳେଶ୍ୱର ୪୫କି.ମି. ରେଳପଥ ପାଇଁ ୩୫୨.୬୫ କୋଟି ଟଙ୍କା ମଞ୍ଜୁର ରେଳମନ୍ତ୍ରୀ ଘୋଷଣା କଲା ପରେ କାର୍ଯ୍ୟାରମ୍ଭ ନିମନ୍ତେ ବିଭାଗ ପକ୍ଷରୁ ତତ୍ପରତା ପ୍ରକାଶ ପାଇଥିଲା। ଏହି ରେଳପଥ ଦୈର୍ଘ୍ୟ ଜଳେଶ୍ୱର ଏବଂ ଭୋଗରାଇ ବ୍ଲକର ୩୪କି.ମି. ରହିଥିବା ବେଳେ ପଶ୍ଚିମବଙ୍ଗର ୭କି.ମି. ରହିଛି।

ଦୀଘାରୁ ଆରମ୍ଭ ହେଉଥିବା ଏହି ରେଳପଥ ୭କି.ମି. ବ୍ୟବଧାନରେ ୫ହଜାର ଜମି ମାଲିକଙ୍କଠାରୁ ୧୩୭.୨୬ ଏକର ଜମି ଅଧିଗ୍ରହଣରେ ବାଧା ଉପୁଜିଥିବାରୁ ରେଳପଥ କାର୍ଯ୍ୟ ଆଗେଇ ପାରୁ ନ ଥିଲା। ପରବର୍ତ୍ତୀ ପର୍ଯ୍ୟାୟରେ କ୍ରମାଗତ ଭାବେ ଏହି ରେଳପଥ ପାଇଁ ଅର୍ଥ ମଞ୍ଜୁର ନିମ୍ନମୁଖୀ ହେବାରୁ ଦୀର୍ଘ ବର୍ଷ ଧରି ଏହି ରେଳପଥ କାର୍ଯ୍ୟ ଶୀତଳଭଣ୍ଡାରରେ ରହିଆସୁଥିଲା। ୨୦୨୧-୨୨ରେ ଦୀଘା-ଜଳେଶ୍ୱର ରେଳପଥ ନିମନ୍ତେ ୫କୋଟି ଟଙ୍କା ମଞ୍ଜୁର ହୋଇଥିବାରୁ କେବଳ ସର୍ଭେ ବାବଦରେ ଖର୍ଚ୍ଚ ହୋଇଥିବା ବିଭାଗ ପକ୍ଷରୁ କୁହାଯାଇଛି। ଅପରପକ୍ଷରେ ଆସନ୍ତା ୩୧ ତାରିଖରେ ସାରା ଦେଶରେ ୨୮ଟି ରେଳ ଷ୍ଟେଶନରେ ଲୋକଙ୍କ ସମସ୍ୟା ଓ ସୁବିଧା ନିମନ୍ତେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ମନ କି ବାତ୍ ହେବାକୁ ନେଇ ଦୀଘା ରେଳଷ୍ଟେଶନ କର୍ମଚାରୀଙ୍କ ସହିତ ସୀମାନ୍ତବାସୀଙ୍କ ଉତ୍କଣ୍ଠା ପ୍ରକାଶ ପାଇଛି। ପ୍ରଧାନମନ୍ତ୍ରୀଙ୍କ ମନ କି ବାତ୍‌ରେ ଦୀଘା-ଜଳେଶ୍ୱର ରେଳପଥ ରୂପରେଖ ବଦଳିବ ବୋଲି ସମସ୍ତେ ଆଶାବ୍ୟକ୍ତ କରିଛନ୍ତି। ଏଥିପାଇଁ ଆସନ୍ତା ଜୁନ୍ ୨୨ରେ ରେଳମନ୍ତ୍ରୀ ଦୀଘାକୁ ଆସି ଏହି ରେଳପଥକୁ ଉଦ୍‌ଘାଟନ କରିବାର ସମ୍ଭାବନା ଥିବା ସୂଚନା ମିଳିଛି।




ଦୀଘା ରେଳଷ୍ଟେଶନ।

# ୬ ଦିବ୍ୟାଙ୍ଗଙ୍କୁ ସହାୟତାର ହାତ

ସିମୁଳିଆ, ୨୯।୫(ଡି.ଏନ.ଏ.)

**ପ୍ରତିଶ୍ରୁତି ରକ୍ଷା କଲେ ସମିତିସଭ୍ୟ**

ନିର୍ବାଚନ ବେଳେ ନେତା ପ୍ରତିଶ୍ରୁତି ଦେଇ ପରେ ଭୁଲି ଯାଆନ୍ତି। ହେଲେ ଦେଇଥିବା ପ୍ରତିଶ୍ରୁତିକୁ ପାଳନ କରିଛନ୍ତି ବାଲେଶ୍ୱର ଜିଲା ସିମୁଳିଆ ବ୍ଲକ ଶ୍ୟାମସୁନ୍ଦରପୁର ପଞ୍ଚାୟତ ସମିତିସଭ୍ୟ ମୁକ୍ତିକାନ୍ତ ପାଣିଗ୍ରାହୀ। ଶ୍ୟାମସୁନ୍ଦରପୁର ପଞ୍ଚାୟତ ଅଧୀନ ସମ୍ପେଇ ଗ୍ରାମର ୨ନଂ. ୱାର୍ଡ଼ରେ ଥିବା ୬ଜଣ ଦିବ୍ୟାଙ୍ଗଙ୍କୁ ସେ ମାସିକ ୫କି.ଗ୍ରା. ହିସାବରେ ଗତ ୪ମାସର ପ୍ରତ୍ୟେକଙ୍କୁ ୨୦କେଜି ଲେଖାଏଁ ଚାଉଳ ବଣ୍ଟନ କରିଛନ୍ତି। ସେ ଗତ ନିର୍ବାଚନ ପ୍ରଚାର ବେଳେ ନିର୍ବାଚନରେ ଜିତେ ଅବା ହାରେ ସରକାରୀ ସହାୟତା ପାଇବା ପର୍ଯ୍ୟନ୍ତ ଏହି ଦିବ୍ୟାଙ୍ଗମାନଙ୍କୁ ସହାୟତା ଯୋଗାଇବାର ପ୍ରତିଶ୍ରୁତି ଦେଇଥିଲେ।

ସମ୍ପେଇ ଅଞ୍ଚଳରେ ଦିବ୍ୟାଙ୍ଗଙ୍କ ମଧ୍ୟରେ ଅର୍ଜ୍ଜୁନ ବେହେରା(୩୦), ମୋନାଲିସା ମଲିକ(୫), ଅନିକେତ ଶ୍ରୀବାସ୍ତବ(୬), କ୍ରିଷ୍ଣା ଶ୍ରୀବାସ୍ତବ(୧୨), ଜନ୍ମେଞ୍ଜୟ ଶତପଥି(୧୨) ଓ ଧ୍ରୁବ ଚରଣ ଶତପଥି(୩୫) ଅଛନ୍ତି । କ୍ରିଷ୍ଣା ଶ୍ରୀବାସ୍ତବଙ୍କ ବ୍ୟତୀତ ଅନ୍ୟମାନଙ୍କୁ କୌଣସି ସରକାରୀ ସହାୟତା ମିଳୁନାହିଁ। ତେବେ ଏହି ଦିବ୍ୟାଙ୍ଗଙ୍କୁ କିପରି ସରକାରୀ ସହାୟତା ମିଳିପାରିବ ସେ ସମ୍ପର୍କରେ ସେ ବ୍ଲକ ପ୍ରଶାସନ ସହିତ ଆଲୋଚନା କରିବେ ବୋଲି ସୂଚନା ଦେଇଛନ୍ତି।



ଦିବ୍ୟାଙ୍ଗ ଓ ସ୍ଥାନୀୟବାସିନ୍ଦାଙ୍କ ଗହଣରେ ସମିତିସଭ୍ୟ ମୁକ୍ତିକାନ୍ତ।

# 'ଶିଶୁ ନିର୍ଯାତନା ଖବର ପ୍ରକାଶ ବେଳେ ସତର୍କତା ଜରୁରୀ'

ବାଲେଶ୍ୱର ଅଫିସ, ୨୯।୫

ବାଲେଶ୍ୱରସ୍ଥିତ ଏକ ହୋଟେଲ ସମ୍ମିଳନୀ କକ୍ଷରେ ପିକକ୍, ଏନ୍‌ଏସିଜି ଇଭାକ୍ ଓ ୱାର୍ଲ୍ଡ ଭିଜନ୍ ତରଫରୁ ଶିଶୁ ଯୌନ ନିର୍ଯାତନା, ଅଧିକାର, ସୁରକ୍ଷା ଓ ସ୍ୱତନ୍ତ୍ରତା ସମ୍ପର୍କିତ ଦିନିକିଆ ଜିଲାସ୍ତରୀୟ କର୍ମଶାଳା ଖବରଦାତାମାନଙ୍କୁ ନେଇ ରବିବାର ଅନୁଷ୍ଠିତ ହୋଇଯାଇଛି। ଏନ୍‌ଏସିଜି ଇଭାକ୍‌ର ଜିଲା ସଂଯୋଜକ ଉବାଚକ ମହାନ୍ତି ସଂଯୋଜନା କରିଥିଲେ। ମୁଖ୍ୟଅତିଥି ଭାବେ 'ରେବତୀ' ପତ୍ରିକାର ସମ୍ପାଦିକା ସୁବାସିନୀ ଜେନା ଯୋଗଦେଇ ଭାରତ ଭଳି ଏକ ଗଣତନ୍ତ୍ର ରାଷ୍ଟ୍ରରେ ଗଣମାଧ୍ୟମର ଭୂମିକା ଗୁରୁତ୍ୱପୂର୍ଣ୍ଣ। ନାବାଳିକା ଓ ନାବାଳକମାନଙ୍କ ବିଷୟରେ ଖବର ପ୍ରକାଶ କରିବା ବେଳେ ସାବଧାନତା ଅବଲମ୍ବନ କରିବା ଉଚିତ୍। ଶିଶୁ ନିର୍ଯାତନା ଖବର ପ୍ରକାଶ କରିବା ବେଳେ ଯେପରି ସେମାନଙ୍କର କୌଣସି ସମ୍ମାନ, ଅଧିକାର କ୍ଷୁର୍ଣ୍ଣ ନ ହୁଏ ସେଥିପ୍ରତି ଦୃଷ୍ଟି ରଖିବା ଉଚିତ୍। ଅନ୍ୟତମ ଅତିଥି ଭାବେ ଜିଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ଦୀପକ କୁମାର ସାହୁ ଯୋଗଦେଇ ପିଲାମାନଙ୍କୁ ମା'ବାପାମାନେ ସଚେତନ କରାଇବା ଆବଶ୍ୟକ। ବରିଷ୍ଠ ଖବରଦାତା ଶିବଦାସ କୁଣ୍ଡୁ ଯୋଗଦେଇ ଶିଶୁ ନିର୍ଯାତନା ଓ ଅଧିକାର ଆଇନ ଉପରେ ଆଲୋଚନା କରିଥିଲେ। କର୍ମଶାଳାରେ ବିଭିନ୍ନ ପ୍ରାନ୍ତରୁ ପ୍ରାୟ ୫୦ରୁ ଉର୍ଦ୍ଧ୍ୱ ଖବରଦାତାଙ୍କୁ ଅତିଥିଙ୍କ ଦ୍ୱାରା ପ୍ରମାଣପତ୍ର ପ୍ରଦାନ କରାଯାଇଥିଲା।




କର୍ମଶାଳାରେ ମଞ୍ଚାସୀନ ଅତିଥିଗଣ।

# ଜଳ ପ୍ରକଳ୍ପ ଭିତ୍ତିପ୍ରସ୍ତର

ଧାମନଗର,୨୯।୫(ସ୍ୱ.ପ୍ର.)

ଭଦ୍ରକ ଜିଲା ଧାମନଗର ବ୍ଲକ ଭଗବାନପୁର ପଞ୍ଚାୟତର ପଳିକିରି ଗ୍ରାମରେ ବସୁଧା ଯୋଜନାରେ ପାଣି ଟାଙ୍କି ନିର୍ମାଣ ପାଇଁ ରବିବାର ଭିତ୍ତିପ୍ରସ୍ତର ସ୍ଥାପନ କରାଯାଇଛି। ୧ କୋଟି ୮୭ ଲକ୍ଷ ୧୮ ହଜାର ୯୨୨ ଟଙ୍କା ବ୍ୟୟରେ ହେବାକୁ ଥିବା ଏହି ମେଗା ଜଳ ପ୍ରକଳ୍ପ ଲାଗି ସରପଞ୍ଚ କାଞ୍ଚନ ସ୍ୱାଇଁ ଭିତ୍ତିପ୍ରସ୍ତର ସ୍ଥାପନ କରିଛନ୍ତି। ସମିତିସଭ୍ୟ ସୁଦୀପ୍ତ ଖଟୁଆ, ନାଏବ ସରପଞ୍ଚ ଗୌରାଙ୍ଗ ଦାଶ, ସୁରେନ୍ଦ୍ର ନନ୍ଦି, ଅଭିମନ୍ୟୁ ସ୍ୱାଇଁ, ମାନସ ପାତ୍ର, ଦିଲୀପ ଦାଶ, ସୁଦର୍ଶନ ମାଝି, ଗୋବର୍ଦ୍ଧନ ପ୍ରଧାନ, ଦିଲୀପ ପ୍ରଧାନ ପ୍ରମୁଖ ଉପସ୍ଥିତ ଥିଲେ। ଏହି ପ୍ରକଳ୍ପ କାର୍ଯ୍ୟକାରୀ ହେଲେ ପଳିକିରି, ଜୟକୃଷ୍ଣପୁର, ଛତିଶ ବେଦପୁର ଡିଗି, ଚନ୍ଦେଶ୍ୱରର ପ୍ରାୟ ୪ ହଜାର ଲୋକଙ୍କ ଘରକୁ ପାଇପ୍ ଯୋଗେ ବିଶୁଦ୍ଧ ପାନୀୟ ଜଳ ଯୋଗାଇ ଦିଆଯିବାକୁ ଲକ୍ଷ୍ୟ ରଖାଯାଇଛି।

# ମଦ କାରବାର ରୋକିବାକୁ ମହିଳା ଗୋଷ୍ଠୀ ଥାନା ଦ୍ୱାରସ୍ଥ

ଖଇରା, ୨୯।୫(ଡି.ଏନ.ଏ.)

ବାଲେଶ୍ୱର ଜିଲା ଖଇରା ଥାନା ମାଖନପୁର ପଞ୍ଚାୟତ ବରଗିଡି ଗ୍ରାମରେ ବେଆଇନ ମଦ କାରବାର ରୋକିବାକୁ ଗ୍ରାମର ବିଭିନ୍ନ ମହିଳା ଗୋଷ୍ଠୀ ଖଇରା ଥାନା ଦ୍ୱାରସ୍ଥ ହୋଇଛନ୍ତି। ଗ୍ରାମରେ ଅଶାନ୍ତ ପରିବେଶକୁ ରୋକିବା ସହ ଘରୋଇ ହିଂସାକୁ ବନ୍ଦ କରିବାକୁ ମହିଳା ମଦ ବିକ୍ରେତାଙ୍କ ଉପରେ କଡା କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ସେମାନେ ଲିଖିତ ଅଭିଯୋଗରେ ଉଲ୍ଲେଖ କରିଛନ୍ତି। ଏହା ଉପରେ ଉଚିତ ପଦକ୍ଷେପ ଗ୍ରହଣ କରା ନ ଗଲେ ତେବେ ସମସ୍ତ ମହିଳା ଆନ୍ଦୋଳନକୁ ଓହ୍ଲାଇବାକୁ ଗ୍ରାମର ମା' ବାସୁଳି, ମା' ବଳୀବାସୁଳି, ମା' ପଶ୍ଚିମା ସ୍ୱୟଂ ସହାୟିକା ଗୋଷ୍ଠୀର ସଦସ୍ୟମାନେ ଚେତାବନୀ ଦେଇଛନ୍ତି।

ଅଭିଯୋଗ ଅନୁଯାୟୀ ଗ୍ରାମର ଜୟନ୍ତୀ ଦାସ, ବାସନ୍ତୀ ମଲ୍ଲିକ ଦୀର୍ଘଦିନ ଧରି ବେଆଇନ ଭାବେ ମଦ ବ୍ୟବସାୟ କରୁଛନ୍ତି । ପ୍ରତ୍ୟେକ ଦିନ ପରିବାରରେ ଘରୋଇ ହିଂସା ଲାଗି ରହୁଛି। କେହି ବିରୋଧ କରିବାକୁ ଉଦ୍ୟମ କଲେ ସେମାନଙ୍କୁ ଧମକ ମିଳୁଛି। ସନ୍ଧ୍ୟା ହେଲେ ସାଧାରଣ ଲୋକେ ରାସ୍ତାରେ ଯିବାକୁ ଭୟ କରୁଛନ୍ତି। ଖଇରା ଥାନା ଆଇଆଇସିଙ୍କ ଅନୁପସ୍ଥିତିରେ ଦାବିପତ୍ର ଏଏସ୍‌ଆଇ ଉମାକାନ୍ତ ସେଠୀଙ୍କୁ ପ୍ରଦାନ କରିବା ପରେ ସେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ପ୍ରତିଶ୍ରୁତି ଦେଇଥିଲେ।

# 'ସବୁଜ ନବଜାଗରଣ ପାଇଁ ବୈଷୟିକ ଚିନ୍ତନ ଓ କାର୍ଯ୍ୟାନ୍ୱୟନ ଆବଶ୍ୟକ'




ଆଲେଚନାଚକ୍ରରେ ଉପସ୍ଥିତ ଅତିଥି।

ବାରିପଦା ଅଫିସ, ୨୯।୫

ମୟୂରଭଞ୍ଜ ଜିଲା ବାରିପଦାସ୍ଥିତ ରୋଟାରି କ୍ଲବ ପରିସରରେ ରବିବାର 'ଜଳବାୟୁ ପରିବର୍ତ୍ତନ' ଶୀର୍ଷକ ଜିଲାସ୍ତରୀୟ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଯାଇଛି। କ୍ଲବ ସଭାପତି ରୋଟାରିଆନ ରାଜକୁମାର ଖଣ୍ଡେଲୱାଲଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ଉଦ୍‌ଘାଟନୀ ଉତ୍ସବରେ ମୁଖ୍ୟଅତିଥି ଭାବେ ମହାରାଜା ଶ୍ରୀରାମଚନ୍ଦ୍ର ଭଞ୍ଜଦେଓ ବିଶ୍ୱବିଦ୍ୟାଳୟ କୁଳପତି ପ୍ରଫେସର ଡ. କିଶୋର କୁମାର ବସା, ମୁଖ୍ୟବକ୍ତା ରୋଟାରି ଜିଲା ଗଭର୍ନର ରୋଟାରିଆନ ଶାନ୍ତନୁ କୁମାର ପାଣି ଓ ସମ୍ମାନିତ ଅତିଥି ଭାବେ ବାରିପଦା ପୌର ପରିଷଦର ଅଧ୍ୟକ୍ଷ କୃଷ୍ଣାନନ୍ଦ ମହାନ୍ତି, ସହକାରୀ ବନ ସଂରକ୍ଷକ ବିଦ୍ୟାସାଗର ପ୍ରମୁଖ ଯୋଗ ଦେଇଥିଲେ। ଆଲୋଚନାଚକ୍ରର ସମ୍ପାଦକ ରୋଟାରିଆନ ସନ୍ଦୀପ କୁମାର- ଚାନ୍ଦ ସବୁଜ ନବଜାଗରଣ ପାଇଁ ବୈଷୟିକ ଚିନ୍ତନ ଓ କାର୍ଯ୍ୟାନ୍ୱୟନ ଶୀର୍ଷକ ବିଷୟବସ୍ତୁ ଉପସ୍ଥାପନ କରିଥିଲେ। ରୋଟାରିଆନ ଝରଣା ବେହେରା ସ୍ୱାଗତ ସମ୍ଭାଷଣ, ଅରୁଣ କୁମାର ଦାଶ ଅତିଥି ପରିଚୟ ଓ ପୁଷ୍ପା ପାତ୍ର ଧନ୍ୟବାଦ ପ୍ରଦାନ କରିଥିଲେ। ଚେୟାରମ୍ୟାନ ଶଶାଙ୍କ ପାଣିଗ୍ରାହୀ ସ୍ୱଚ୍ଛ ଓ ସବୁଜ ପର୍ଯ୍ୟାବରଣ ନିମନ୍ତେ ବ୍ୟାପକ ବୃକ୍ଷରୋପଣ, ବୃକ୍ଷ ସଂରକ୍ଷଣ, ପ୍ଲାଷ୍ଟିକ ବର୍ଜନ ଓ ଆବର୍ଜନା ପରିଚାଳନା ଉପରେ କ୍ଲବର ଭବିଷ୍ୟତ କାର୍ଯ୍ୟପନ୍ଥା ଉପସ୍ଥାପନ କରିଛନ୍ତି। ରୋଟାରିଆନ ଅଜିତ ମହାନ୍ତିଙ୍କ ଦ୍ୱାରା ପରିବେଶ ସମ୍ପର୍କିତ ରଚିତ ପୁସ୍ତକ 'ଆମ ସପନ, ନିରୋଗ ଜୀବନ' ଲୋକାର୍ପଣ କରାଯାଇଥିଲା। ଉଦ୍‌ଯାପନୀ ଉତ୍ସବରେ ରୋଟାରିଆନ ବିଭୁ ପ୍ରସାଦ ଦାସଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ଆଲୋଚନାଚକ୍ରରେ ବିଶ୍ୱବିଦ୍ୟାଳୟ ସ୍ନାତକୋତ୍ତର ପରିଷଦର ଅଧ୍ୟକ୍ଷ ପ୍ରଫେସର ପ୍ରମୋଦ ଶତପଥୀ, ସହକାରୀ ଉଦ୍ୟାନ ନିର୍ଦ୍ଦେଶକ ଭଦ୍ରତନୁ ସେନାପତି ଓ ସର୍ବଶିକ୍ଷା ଅଭିଯାନର ବାଳିକା ସଂଯୋଜିକା ସପନ ପୃଷ୍ଟି ଯୋଗ ଦେଇଥିଲେ। ପର୍ଯ୍ୟାବରଣ କ୍ଷେତ୍ରରେ କାର୍ଯ୍ୟ କରୁଥିବା ପ୍ରାକ୍ତନ ଅବୈତନିକ ବନ୍ୟପ୍ରାଣୀ ସଂରକ୍ଷକ ଭାନୁମିତ୍ର ଆଚାର୍ଯ୍ୟ ଗଛ ଲଗାଇ ବଡ଼ ହେବା ପର୍ଯ୍ୟନ୍ତ ଯତ୍ନ ନେବା ଜରୁରୀ ବୋଲି ବକ୍ତବ୍ୟ ରଖିଥିଲେ।

# ରଜିଆ ପ୍ରିମିୟର ଲିଗ୍ ପାଇଁ ଖେଳାଳି ଚୟନ

ଚମ୍ପୁଆ, ୨୯।୫(ଡି.ଏନ.ଏ.)

ଗ୍ରାମାଞ୍ଚଳରେ ଖେଳର ବିକାଶ ଓ ଯୁବ କ୍ରିଡ଼ାବିତ ଅନ୍ୱେଷଣ ପରିପ୍ରେକ୍ଷୀରେ ରଜିଆର ପୁରାତନ ରୋହିଣୀ କ୍ରିକେଟ କ୍ଲବ ପକ୍ଷରୁ ଖେଳାଳି ଚୟନ ପ୍ରକ୍ରିୟା କାର୍ଯ୍ୟକ୍ରମ ଶେଷ ହୋଇଯାଇଛି। ଏଥିରେ ଡଲଫିନ ଡଲ୍ସ, ଗୋଲଡେନ ବୁଲ୍ସ, ବ୍ଲାକ ଡେଭିଲ୍ସ ଓ ରେନ୍‌ବ ୱାରିୟର୍ସ ମୋଟ ୪ଟି ଦଳ ନିଲାମ ପ୍ରକ୍ରିୟାରେ ଅଂଶଗ୍ରହଣ କରିଥିଲେ। ରଜିଆ ପଞ୍ଚାୟତର ବିଭିନ୍ନ ଗ୍ରାମରୁ ମୋଟ ୮୯ ଜଣ ଖେଳାଳି ପଞ୍ଜିକୃତ କରିଥିଲେ। ସେଥିମଧ୍ୟରୁ ୬୪ଜଣ ଖେଳାଳିଙ୍କୁ ବିଭିନ୍ନ ଦଳ କିଣିଥିଲା। ଏହି ଖେଳାଳି ଚୟନ କାର୍ଯ୍ୟକ୍ରମକୁ କ୍ଲବର ସଭାପତି ବିବେକାନନ୍ଦ ପାଲ(ଜନ୍)ଙ୍କ ସହିତ ସଚିନ ଗିରି, ସିପୁନ ଗିରି, ସତ୍ୟବ୍ରତ ଗିରି, ଜ୍ୟୋର୍ତିମୟୀ ବେହେରାଙ୍କ ସମେତ ସମସ୍ତ ସଦସ୍ୟ ଅଂଶ ଗ୍ରହଣ କରି ନିଲାମ କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ।

# ଭିତ୍ତିପ୍ରସ୍ତରକୁ ୫ ବର୍ଷ ବିତିଲା, ଇଟା ଖଣ୍ଡେ ପଡ଼ିଲାନି

ଧାମନଗର, ୨୯।୫ (ଡି.ଏନ.ଏ)

ଭଦ୍ରକ ଜିଲା ଧାମନଗର ବ୍ଲକ ମୁସ୍ତାଫାପୁର ପଞ୍ଚାୟତ ଦୋବଲ କାଳୀପଡ଼ିଆଠାରେ କଲ୍ୟାଣ ମଣ୍ଡପ ଲାଗି ଭିତ୍ତିପ୍ରସ୍ତର ସ୍ଥାପନ କରାଯାଇଥିଲା। ଗ୍ରାମାଞ୍ଚଳରେ କଲ୍ୟାଣ ମଣ୍ଡପ ନିର୍ମାଣ ହେବ ଶୁଣି ସ୍ଥାନୀୟ ଲୋକଙ୍କ ମଧ୍ୟରେ ବେଶ୍ ଉତ୍ସାହ ଦେଖାଯାଇଥିଲା। ଏହା ମଧ୍ୟରେ ଭିତ୍ତିପ୍ରସ୍ତରକୁ ପାଞ୍ଚ ବର୍ଷ ବିତିଯାଇଥିଲେ ମଧ ଇଟା ଖଣ୍ଡେ ପଡ଼ିନାହିଁ। ଏହାକୁ ନେଇ ସାଧାରଣରେ ଅସନ୍ତୋଷ ଦେଖାଦେଇଛି।

ଦୋବଲ କାଳିପଡ଼ିଆଠାରେ ୩୫ଲକ୍ଷ ଟଙ୍କା ବ୍ୟୟ ଅଟକଳରେ କଲ୍ୟାଣ ମଣ୍ଡପ ନିର୍ମାଣ ନିମନ୍ତେ ୨୦୧୬ରେ ଭିତ୍ତିପ୍ରସ୍ତର ସ୍ଥାପନ କରାଯାଇଥିଲା। ତତ୍କାଳୀନ ବିଧାୟକ ମୁକ୍ତିକାନ୍ତ ମଣ୍ଡଳ ଭିତ୍ତିପ୍ରସ୍ତର ସ୍ଥାପନ କରିଥିଲେ। କଲ୍ୟାଣ ମଣ୍ଡପ ନିର୍ମାଣ ପାଇଁ ପ୍ରଥମ କିସ୍ତିରେ ୧୦ଲକ୍ଷ ଟଙ୍କା ପଞ୍ଚାୟତ ଆକାଉଣ୍ଟକୁ ଆସିଥିଲା। ସେତେବେଳେ ମୁସ୍ତାଫାପୁର ଦୋବଲ ପଞ୍ଚାୟତରେ ଥିଲା। ନୂତନ ପଞ୍ଚାୟତ ଗଠନ ପରେ ଦୋବଲରୁ ମୁସ୍ତାଫାପୁରକୁ ଅଲଗା କରାଯାଇଥିଲା। ଆସିଥିବା ୧୦ ଲକ୍ଷ ଟଙ୍କା ମୁସ୍ତାଫାପୁର ପଞ୍ଚାୟତ ଆକାଉଣ୍ଟକୁ ସ୍ଥାନାନ୍ତର କରାଯାଇଛି। ପରେ ଦୋବଲ ପଞ୍ଚାୟତରେ କଲ୍ୟାଣ ମଣ୍ଡପ ପାଇଁ ଟଙ୍କା ଆସି କାମ ଆରମ୍ଭ ହୋଇଛି। କିନ୍ତୁ ମୁସ୍ତାଫାପୁର ପଞ୍ଚାୟତରେ ଏଯାଏ କାମ ଆରମ୍ଭ ହୋଇପାରି ନାହିଁ। ଜିଲାପାଳ ଓ ବିଭାଗୀୟ କର୍ତ୍ତୃପକ୍ଷ ଏଥିପ୍ରତି ଦୃଷ୍ଟି ଦେବାକୁ ସ୍ଥାନୀୟ ଲୋକେ ଦାବି କରିଛନ୍ତି। ଏ ସମ୍ପର୍କରେ ବ୍ଲକ କନିଷ୍ଠ ଯନ୍ତ୍ରୀ ଦେବେନ୍ଦ୍ର ନାୟକ କହିଛନ୍ତି, ଜାଗା ଚିହ୍ନଟ ନେଇ ସମସ୍ୟା ରହିଛି। ସ୍ଥାନ ଚିହ୍ନଟ ପରେ ଖୁବ୍‌ଶୀଘ୍ର କାର୍ଯ୍ୟ ଆରମ୍ଭ ହେବ।



# ରୂପାନ୍ତରିତ ଜଳହରି ସାରସ୍ୱତ ଉଚ୍ଚ ବିଦ୍ୟାପୀଠ ଲୋକାର୍ପିତ

ଭଣ୍ଡାରିପୋଖରୀ, ୨୯।୫

୫-ଟି ରୂପାନ୍ତରିତ ଭଦ୍ରକ ଜିଲା ଭଣ୍ଡାରିପୋଖରୀ ବ୍ଲକ ମାଳଦା ପଞ୍ଚାୟତ ଜଳହରି ସାରସ୍ୱତ ଉଚ୍ଚ ବିଦ୍ୟାପୀଠ ଶନିବାର ଲୋକାର୍ପିତ ହୋଇଛି। ଏହି ପରିପ୍ରେକ୍ଷୀରେ ଅନୁଷ୍ଠିତ ଉତ୍ସବରେ ବିଡିଓ ଦେବଦତ୍ତ ଦାସ, ଜିଲା ପରିଷଦ ସଭ୍ୟ ଉତ୍କଳ କେଶରୀ ମହାନ୍ତି, ସରପଞ୍ଚ ମିନତି ପରିଡ଼ା, ପରମାନନ୍ଦ ନାୟକ, ସମିତିସଭ୍ୟା ରିତାଞ୍ଜଳି ସାମଲ, କନିଷ୍ଠ ଯନ୍ତ୍ରୀ ଜଗନ୍ନାଥ ବାରିକ ପ୍ରମୁଖ ଯୋଗଦେଇ ବିଦ୍ୟାଳୟ ରୂପାନ୍ତରଣ କାର୍ଯ୍ୟକୁ ନେଇ ରାଜ୍ୟ ସରକାରଙ୍କୁ ଧନ୍ୟବାଦ ଜଣାଇଥିଲେ। ଶିକ୍ଷାବିତ୍ ପୀତାମ୍ବର ରାଉତ, ସୁଧାକର ଦାସ, ଅର୍ଜ୍ଜୁନ ଚରଣ ସାହୁ, ସରୋଜ ରାଉତ, କାଳନ୍ଦୀ ଚରଣ ପରିଡ଼ା, ନୀଳମଣି ପରିଡ଼ା, ବିମ୍ବାଧର ପଲାଇ, ଶତ୍ରୁଘ୍ନ ପଲାଇ, ନାରାୟଣ ଚନ୍ଦ୍ର ପଣ୍ଡା, ଭାଗୀରଥି ପରିଡ଼ା, ପ୍ରତ୍ୟୁଷ ସାମଲ ପ୍ରମୁଖ ଯୋଗଦେଇ ବିଦ୍ୟାଳୟ ଉନ୍ନତିମୂଳକ କାର୍ଯ୍ୟ ଓ ଶୈକ୍ଷିକ ବାତାବରଣ ସମ୍ପର୍କରେ ମତ ଦେଇଥିଲେ। ଏହି ଅବସରରେ ଛାତ୍ରୀଛାତ୍ରଙ୍କ ପକ୍ଷରୁ ସ୍ୱାଗତ ନୃତ୍ୟ ସହ ଦେଶାତ୍ମକ ବୋଧକ ଗୀତ ପରିବେଷଣ କରାଯାଇଥିଲା। ସାମାଜିକ କର୍ମୀ ଅନନ୍ତ ସାମଲ ସମସ୍ତଙ୍କୁ ଧନ୍ୟବାଦ ଦେଇଥିଲେ। ଗୁରୁପ୍ରସାଦ ପଲେଇ, ଅରୁଣ କୁମାର ସାମଲ, ସୁବାସ ସାମଲ, ରବୀନ୍ଦ୍ର ସେଠୀ, ଖଗେଶ୍ୱର ସାମଲ, ନରେନ୍ଦ୍ର କବି, କାଳନ୍ଦୀ ବାରିକ, ପ୍ରଶାନ୍ତ କବି, ସୁରେନ୍ଦ୍ର ଖୁଣ୍ଟିଆ, କରୁଣାକର ସେଠୀ ପ୍ରମୁଖ କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ।

# ଅଙ୍ଗନୱାଡି କେନ୍ଦ୍ର, ଛତୁଆ ୟୁନିଟ୍‌ରେ ଚଢ଼ାଉ

ବାଲେଶ୍ୱର ଅଫିସ, ୨୯।୫

- ନିମ୍ନମାନର, କମ୍ ଓଜନର ଖାଦ୍ୟ ପ୍ୟାକେଟ ନେଇ ଅସନ୍ତୋଷ
- କାର୍ଯ୍ୟାନୁଷ୍ଠାନ ଲାଗି ଜିଲାପରିଷଦ ଅଧ୍ୟକ୍ଷଙ୍କ ନିର୍ଦ୍ଦେଶ

ବାଲେଶ୍ୱର ଜିଲାପରିଷଦ ଅଧ୍ୟକ୍ଷ ନାରାୟଣ ପ୍ରଧାନ ଶନିବାର ସଦର ବ୍ଲକ ଅଧୀନ ବିଭିନ୍ନ ଅଙ୍ଗନୱାଡ଼ି କେନ୍ଦ୍ର ପରିଦର୍ଶନ କରିବା ସହ ପରିଖି ପଞ୍ଚାୟତରେ ଥିବା ମା' ବନବିବି ଛତୁଆ ୟୁନିଟ୍ ଉପରେ ଅଚାନକ ଚଢ଼ାଉ କରିଥିଲେ। ଅଙ୍ଗନୱାଡ଼ି କେନ୍ଦ୍ରରେ ବିଭିନ୍ନ ପ୍ରକାର ଅବ୍ୟବସ୍ଥା, ଛତୁଆ ୟୁନିଟ୍‌ରେ ଖାଦ୍ୟର ଗୁଣବତ୍ତା ନିମ୍ନମାନର ଓ ଖାଦ୍ୟ ପ୍ୟାକେଟ୍‌ଗୁଡ଼ିକର ଓଜନ କମ୍ ଥିବା ଦେଖିଥିଲେ। ଏହାର ତଦନ୍ତ କରି କାର୍ଯ୍ୟାନୁଷ୍ଠାନ ଗ୍ରହଣ ନିମନ୍ତେ ବିଭାଗୀୟ ଅଧିକାରୀଙ୍କୁ ସେ ନିର୍ଦ୍ଦେଶ ଦେଇଛନ୍ତି। ଜିଲାପରିଷଦ ଅଧ୍ୟକ୍ଷ ପ୍ରଧାନ ସଦର ବ୍ଲକ ବଇଞ୍ଚା ପଞ୍ଚାୟତ ବଇଞ୍ଚା ଅଙ୍ଗନୱାଡ଼ି କେନ୍ଦ୍ରକୁ ପରିଦର୍ଶନ କରି ପିଲା ସଂଖ୍ୟା ଏବଂ ରନ୍ଧା ଖାଦ୍ୟର ଗୁଣବତ୍ତା ଯାଞ୍ଚ କରିଥିଲେ। ପରେ ଓଲନ୍ଦା ସାରଗାଁ ପଞ୍ଚାୟତ ଗୁଡୁଦା ଅଙ୍ଗନୱାଡ଼ି କେନ୍ଦ୍ରରେ ପହଞ୍ଚିଥିଲେ। କେନ୍ଦ୍ରରେ ତାଲା ପଡ଼ିଥିବା ଦେଖି ସ୍ଥାନୀୟ ଲୋକଙ୍କୁ ଡାକି ଅଙ୍ଗନୱାଡ଼ିରେ ପାଠପଢ଼ା ଏବଂ ପିଲାଙ୍କ ଖାଇବା ବାବଦରେ ପଚାରି ବୁଝିଥିଲେ। ସେହିପରି ଛାନୁଆ ପଞ୍ଚାୟତ ସାନବଗରା ଅଙ୍ଗନୱାଡ଼ି କେନ୍ଦ୍ର ପରିଦର୍ଶନ ବେଳେ ୩ଜଣ ପିଲା ରାସ୍ତାରେ ବୁଲୁଥିବା ଦେଖିଥିଲେ। ଗାଡ଼ିରୁ ଓହ୍ଲାଇ ପିଲାଙ୍କୁ ପଚାରିବାରୁ ଅଙ୍ଗନୱାଡ଼ି କର୍ମୀଙ୍କ ଘରେ ପାଠପଢ଼ା ହେଉଛି ବୋଲି ସେମାନେ କହିଥିଲେ। ପ୍ରଧାନ କର୍ମୀଙ୍କ ଘରକୁ ଯାଇ ଯାଇ ଅଙ୍ଗନୱାଡ଼ି କର୍ମୀଙ୍କ ଅନୁପସ୍ଥିତ ଦେଖି ତାଙ୍କ ସହାୟିକାଙ୍କୁ ଏ ବାବଦରେ ପଚାରିଥିଲେ। ୧୬ ଜଣ ପିଲା ଉପସ୍ଥିତ ଥିଲେ, ଅଙ୍ଗନୱାଡି ଛୁଟି ହୋଇଯାଇଥିବା ସେ କହିଥିଲେ। ଭଦ୍ରସିୟା ଅଙ୍ଗନୱାଡ଼ି କେନ୍ଦ୍ରର ମଧ ସମାନ ଅବସ୍ଥା। କେନ୍ଦ୍ରରେ ତାଲା ପଡ଼ିଥିବା ଦେଖି ୱାର୍ଡମେମ୍ବରଙ୍କୁ ପଚାରି ବୁଝିଥିଲେ। କାଁ ଭାଁ ଅଙ୍ଗନୱାଡ଼ି କେନ୍ଦ୍ର ଖୋଲାଯାଏ ବୋଲି ୱାର୍ଡମେମ୍ବର କହିଥିଲେ। ଅନ୍ୟପକ୍ଷରେ ପରିଖି ପଞ୍ଚାୟତରେ ଥିବା ମା' ବନବିବି ସ୍ୱୟଂ ସହାୟକ ଗୋଷ୍ଠୀ ଦ୍ୱାରା ପରିଚାଳିତ ଛତୁଆ ୟୁନିଟ୍ ଉପରେ ଅଚାନକ ଚଢ଼ାଉ କରିଥିଲେ। ଏହି ଛତୁଆ ୟୁନିଟ୍‌ରେ ରେଜିଷ୍ଟର ଯାଞ୍ଚ ପରେ ତାହା ଅପଡ଼େଟ୍ ନ ଥିବା ଜଣାପଡ଼ିଥିଲା। ଉକ୍ତ ଗୋଷ୍ଠୀ ଦ୍ୱାରା ପ୍ରସ୍ତୁତ ହେଉଥିବା ବାଦାମ ଲଡୁ, ବେସନ ପ୍ୟାକେଟ୍‌ର ପରିମାଣ ନିର୍ଦ୍ଧାରିତ ଓଜନଠୁ କମ୍ ଥିଲା। ଅଙ୍ଗନୱାଡ଼ି ପିଲା ଓ ଗର୍ଭବତୀଙ୍କୁ ମାଗଣାରେ ବଣ୍ଟାଯାଉଥିବା ଛତୁଆରେ ମିଶ୍ରଣ ହେଉଥିବା ଭଜାବାଦାମ, ଗହମ ଏବଂ ବୁଟ ମିଶ୍ରଣର ପରିମାଣ ମଧ ନିମ୍ନମାନର ରହିଥିଲା। ଗୋଦାମ ଘରେ ଥିବା ଗହମ ବସ୍ତା, ସୁଜି ବସ୍ତାର ଯାଞ୍ଚ କରି ଖାଦ୍ୟର ଗୁଣବତ୍ତା ନିମ୍ନମାନର ଥିବା ଦେଖିଥିଲେ।



ମା' ବନବିବି ଛତୁଆ ୟୁନିଟ୍‌ରେ ଜିଲାପରିଷଦ ଅଧ୍ୟକ୍ଷ ନାରାୟଣ ପ୍ରଧାନ।

## ବଜ୍ରପାତରେ ଭାଙ୍ଗିଲା ଟାଇଲ ଛପର

ପାଟଣା, (ସ୍ବ.ପ୍ର.): କେନ୍ଦୁଝର ଜିଲା ପାଟଣା ବ୍ଲକ ଅଞ୍ଚଳରେ ରବିବାର ଅପରାହ୍ନରେ କାଳବୈଶାଖୀ ପ୍ରଭାବରେ ଘଡ଼ଘଡି ସହ ପ୍ରବଳ ବର୍ଷା ପବନ ହୋଇଛି। ଫଳରେ ଚିନାମାଳିପଶି ପଞ୍ଚାୟତ ଗୁଡ଼ିଆପଡା ଗ୍ରାମର ରଣଜିତ ମହାନ୍ତଙ୍କ ଟାଇଲ ଘର ଉପରକୁ ବଜ୍ରପାତ ହୋଇଥିଲା। ବଜ୍ରପାତରେ ଘରର ଟାଇଲ ଭାଙ୍ଗି ଯାଇଥିବା ବେଳେ ଘରର କାନ୍ଥ ଫାଟି ଯାଇଛି। ତେବେ ପରିବାର ଲୋକେ ଏକ ବଡ ଧରଣର ଆସନ୍ନ ବିପତ୍ତିରୁ ଅଳ୍ପକେ ବର୍ତ୍ତି ଯାଇଛନ୍ତି। ଟାଇଲ ଗୁଡିକ ଭାଙ୍ଗି ଯାଇଥିବାରୁ ଘର ଭିତରେ ପାଣି ପଶି ଆସବାବପତ୍ର ସହ ଧାନ ଚାଉଳ ସବୁ ନଷ୍ଟ ହୋଇ ଯାଇଛି।

## ସଂକ୍ଷେପରେ

### ରେଳଧାରଣାରୁ ମୃତଦେହ ଜବତ

ରୂପସା, ୨୯।୫(ଡି.ଏନ.ଏ.)- ଦକ୍ଷିଣ-ପୂର୍ବ ରେଳପଥର ଖଡ଼ଗପୁର ଡିଭିଜନ ଅନ୍ତର୍ଗତ ବାଲେଶ୍ୱର ଜିଲା ରୂପସା ରେଳ ଜଙ୍କସନ ନିକଟରେ ରବିବାର ଜଣେ ମହିଳାଙ୍କ ମୃତଦେହ ଜବତ କରାଯାଇଛି। ଦକ୍ଷିଣ କେବିନ ନିକଟ ଅପ୍‌ଲାଇନ୍ ରେଳଧାରଣାରେ ଉକ୍ତ ମହିଳାଙ୍କ ମୃତଦେହ ପଡ଼ିଥିବା ଦେଖି ସ୍ଥାନୀୟ ଲୋକେ ଖବର ଦେଇଥିଲେ। ଜିଆର୍‌ପି ପହଞ୍ଚି ମୃତଦେହ ଜବତ କରିଥିଲେ ହେଁ ମହିଳାଙ୍କ ପରିଚୟ ଜଣାପଡ଼ିନାହିଁ। କୌଣସି ଟ୍ରେନ୍‌ରୁ ଶନିବାର ରାତିରେ ମହିଳା ଜଣକ ଖସିପଡ଼ିଥିବା ଜିଆର୍‌ପି ଥାନା ପୋଲିସ ପ୍ରକାଶ କରିଛି। ଏନେଇ ଜିଆର୍‌ପି ଥାନାରେ ଏକ ଅପମୃତ୍ୟୁ ମାମଲା (ନଂ. ୪୩/୨୨) ରୁଜୁ ହୋଇଛି।

### 'ଋତୁସ୍ରାବ ସମୟରେ ସ୍ବଚ୍ଛତା, ପରିଚ୍ଛନ୍ନତା ଜରୁରୀ'

ଚାନ୍ଦବାଲି, ୨୯।୫(ଡି.ଏନ.ଏ.)-ଭଦ୍ରକ ଜିଲା ଚାନ୍ଦବାଲି ବ୍ଲକର ବିଜୟନଗର ପଞ୍ଚାୟତ ପୂର୍ଣ୍ଣଚନ୍ଦ୍ର ଉଚ୍ଚ ବିଦ୍ୟାଳୟ ପରିସରରେ ୱାଟର ଏଡ୍ ଇଣ୍ଡିଆ, ଭଦ୍ରକ ଜିଲା ଶାଖା ପକ୍ଷରୁ ଶନିବାର ବିଶ୍ୱ ଋତୁସ୍ରାବ ଦିବସ ପାଳନ କରାଯାଇଛି। ଭାରପ୍ରାପ୍ତ ପ୍ରଧାନଶିକ୍ଷକ ଅମୂଲ୍ୟ କୁମାର ରାଉତ କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରିଥିଲେ। ଅତିଥି ଭାବେ ଶିକ୍ଷକ ରାମଚନ୍ଦ୍ର ଦାଶ, ସୁରେନ୍ଦ୍ର ରାଉତ, ୱାଟର ଏଡ୍‌ର ଫିଲ୍ଡ କୋର୍ଡିନେଟର ସସ୍ମିତା ରାଉତ, କନକଲତା ଦାସ, ଅଙ୍ଗନୱାଡି ସୁପରଭାଇଜର ମାନସୀ ଜେନା, କର୍ମୀ ଶକୁନ୍ତଳା ରାଉତ ପ୍ରମୁଖ ଯୋଗଦେଇ ନବମ ଓ ଦଶମ ଶ୍ରେଣୀର ଛାତ୍ରୀମାନଙ୍କୁ ମାସିକ ଋତୁସ୍ରାବ ସମ୍ପର୍କରେ କହିଥିଲେ। କୌଣସି ଭୟ ବା ଶଙ୍କା ନ କରି ନିଜର ଅସୁବିଧାକୁ ଘରେ ମା', ବଡ଼ଭଉଣୀଙ୍କୁ ଜଣାଇବା ସହ ବ୍ୟକ୍ତିଗତ ସ୍ବଚ୍ଛତା ଓ ପରିଚ୍ଛନ୍ନତା ପ୍ରତି ଯତ୍ନବାନ ହେବାକୁ ଅତିଥିମାନେ ପରାମର୍ଶ ଦେଇଥିଲେ। ଏଥିସହ କିଶୋରୀ ବାଳିକା ଯୋଜନା ସମ୍ପର୍କରେ ଆଲୋଚନା କରିଥିଲେ। କୃତୀ ପ୍ରତିଯୋଗୀମାନଙ୍କୁ ପୁରସ୍କୃତ କରାଯାଇଥିଲା। ଅଙ୍ଗନୱାଡି କର୍ମୀ ରଶ୍ମିରେଖା ନାୟକ, ତୃଷାରାଣୀ ସେଠୀ, ଲଚ୍ଛମନ ଦାସ ପ୍ରମୁଖ କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ।

### ଲକ୍ଷ୍ମୀ ନାରାୟଣ ମନ୍ଦିର ବାର୍ଷିକୋତ୍ସବ

କୁଆମରା,୨୯।୫(ଡି.ଏନ.ଏ.)- ମୟୂରଭଞ୍ଜ ଜିଲା ଗୋପବନ୍ଧୁ ନଗର ବ୍ଲକ ଅଧୀନ କୁଆମରା ପଞ୍ଚାୟତର ସିକିଡ଼ିଆ ଲକ୍ଷ୍ମୀ ନାରାୟଣ ମନ୍ଦିର ପ୍ରତିଷ୍ଠାର ୨୦ତମ ବାର୍ଷିକ ଉତ୍ସବ ଶୁକ୍ରବାର ଅନୁଷ୍ଠିତ ହୋଇଯାଇଛି। ପୂର୍ବାହ୍ନରେ ଠାକୁରଙ୍କୁ ସ୍ନାନ ମାର୍ଜନା କରାଯିବା ପରେ ନୂତନ ବସ୍ତ୍ରରେ ସଜ୍ଜିତ କରାଯାଇଥିଲା। ପରେ ମନ୍ଦିର ପୂଜକ ହରି ନାରାୟଣ କରଙ୍କ ତତ୍ତ୍ୱାବଧାନରେ ମୁଖ୍ୟ ପୁରୋହିତ ପ୍ରମୋଦ କୁମାର ମିଶ୍ରଙ୍କ ଦ୍ୱାରା ପୂଜା କାର୍ଯ୍ୟ ଓ ହୋମ ଯଜ୍ଞ ଅନୁଷ୍ଠିତ ହୋଇଥିଲା। ବିଭିନ୍ନ ଗ୍ରାମରୁ ସଂକୀର୍ତ୍ତନ ଦଳ ଯୋଗ ଦେଇଥିଲେ। କର୍ତ୍ତା ଭାବେ ରଣଜିତ ସାହୁ ଓ ତାଙ୍କ ଧର୍ମପତ୍ନୀ କାର୍ଯ୍ୟ ତୁଲାଇଥିଲେ। ଚଣ୍ଡି ପାଠ ଓ ସୂର୍ଯ୍ୟ ପୂଜା ବ୍ରାହ୍ମଣମାନଙ୍କ ଦ୍ୱାରା ସମ୍ପନ୍ନ ହୋଇଥିଲା। ପୂଜା କମିଟିର ଦୀପକ କୁମାର ସିଂହ, ନିମାଇଁ ପ୍ରସାଦ ଦାଶ, ବିଶ୍ୱଜିତ ଗନ୍ତାୟତ ଓ ଅଭିନ୍ନ ମାଇତି ପ୍ରମୁଖ ସମସ୍ତ କାର୍ଯ୍ୟ ପରିଚାଳନା କରିଥିଲେ।

# ସଧବାଙ୍କ ଶୁଭ ମନାସେ ସାବିତ୍ରୀଆଡ଼ି

**ସାବିତ୍ରୀ ଓଷା ପାଇଁ ଚଳଚଞ୍ଚଳ ପୀଠ**

ଭଦ୍ରକ ଅଫିସ,୨୯।୫




ପ୍ରତ୍ୟେକ ବର୍ଷ ଜ୍ୟେଷ୍ଠ ମାସ କୃଷ୍ଣପକ୍ଷ ଅମାବାସ୍ୟା ତିଥିରେ କେଉଁ ଆବହମାନ କାଳରୁ ସଧବାମାନେ ସ୍ୱାମୀଙ୍କ ଶୁଭ ମନାସି ସାବିତ୍ରୀ ବ୍ରତ ପାଳନ କରିଆସୁଛନ୍ତି। ସ୍ୱାମୀଙ୍କ ଦୀର୍ଘାୟୁ କାମନା ତଥା ଶାନ୍ତିପୂର୍ଣ୍ଣ ଦାମ୍ପତ୍ୟ ଜୀବନ ନିର୍ବାହ ପାଇଁ ସଧବାମାନେ ସାବିତ୍ରୀଙ୍କୁ ପୂଜାର୍ଚ୍ଚନା କରିବା ସହ ଶଙ୍ଖା, ଶାଢ଼ି ଅର୍ପଣ ପୂର୍ବକ ୨୧ ପ୍ରକାର ଫଳ ମୂଳରେ ଭୋଗ ନୈବେଦ୍ୟ ଲଗାଇଥାନ୍ତି ଏହି ପୀଠରେ। ଉକ୍ତ ପବିତ୍ର ପୀଠ ଭଦ୍ରକ ଜିଲା ବନ୍ତ ବ୍ଲକ ଅଧୀନ ଓଡ଼ଙ୍ଗ ପଞ୍ଚାୟତ ତୋଟାସାହି ସାବିତ୍ରୀଆଡ଼ି ନାମରେ ପରିଚିତ। ସୋମବାର ସାବିତ୍ରୀ ଓଷା ପାଇଁ ପୀଠ ଚଳଚଞ୍ଚଳ ହୋଇପଡ଼ିଛି। କୋଭିଡ୍ କଟକଣା ହଟିବା ପରେ ଚଳିତବର୍ଷ ବହୁ ସଧବା ଓ ଶ୍ରଦ୍ଧାଳୁଙ୍କ ଭିଡ଼କୁ ଦୃଷ୍ଟିରେ ରଖି କମିଟି ପକ୍ଷରୁ ବିଭିନ୍ନ ପଦକ୍ଷେପ ଗ୍ରହଣ କରାଯାଇଛି। ଭିଡ଼ ନିୟନ୍ତ୍ରଣ ପାଇଁ ସ୍ୱେଚ୍ଛାସେବୀ ଓ ବିଭିନ୍ନ ସଙ୍ଗଠନ ନିୟୋଜିତ ରହିବା ସହ ମନ୍ଦିର ଭିତରକୁ ଧାଡ଼ିରେ ପ୍ରବେଶ ନିମନ୍ତେ ବ୍ୟାରିକେଡ୍, ପାନୀୟ ଜଳ ଓ ବିଶ୍ରାମସ୍ଥଳ ବ୍ୟବସ୍ଥା କରାଯାଇଛି।

ସାବିତ୍ରୀ ବ୍ରତ ଦିନ ଭଦ୍ରକ, ବାଲେଶ୍ୱର, ମୟୂରଭଞ୍ଜ, କେନ୍ଦୁଝର ଆଦି ଜିଲାରୁ ହଜାର ହଜାର ସଧବା ପୂଜାର୍ଚ୍ଚନା ପାଇଁ ଏଠାକୁ ଆସିଥାନ୍ତି। ସାବିତ୍ରୀଆଡ଼ି ସଧବାଙ୍କ ଶୁଭ ମନାସିଥାଏ। ପୀଠରେ ୫ଦିନ ଧରି ପ୍ରତ୍ୟହ ସନ୍ଧ୍ୟାରେ କମିଟି ପକ୍ଷରୁ ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମ ଆୟୋଜନ କରାଯାଇଥାଏ। ଶାନ୍ତିଶୃଙ୍ଖଳା ରକ୍ଷା ଲାଗି ବନ୍ତ ଥାନା ପକ୍ଷରୁ ବ୍ୟାପକ ପୋଲିସ ମୁତୟନ କରାଯାଏ। ପୂଜକ ଜୟକୃଷ୍ଣ ପଣ୍ଡାଙ୍କ ରଚିତ 'ସାବିତ୍ରୀ ବ୍ରତ' ପୁସ୍ତକରୁ ଏହି ପୀଠର ମହାତ୍ମ୍ୟ ବିଷୟରେ ଜାଣିବାକୁ ମିଳିଥାଏ। କୋଭିଡ୍ କଟକଣା ଯୋଗୁ ଗତ ଦୁଇବର୍ଷ ଧରି କେବଳ ପୂଜାର୍ଚ୍ଚନା କରାଯାଉଥିଲା।

ମତ୍ସ୍ୟ ପୁରାଣ ଅନୁସାରେ ସତ୍ୟ ଯୁଗରେ ଦ୍ୟୁମତ୍‌ସେନ୍ ନାମକ ଜଣେ ଧାର୍ମିକ ରାଜା ଏଠାରେ ରାଜତ୍ୱ କରୁଥିଲେ। ଜାମ୍ବବ ନାମକ ରାକ୍ଷସ ରାଜାଙ୍କୁ ଯୁଦ୍ଧରେ ପରାସ୍ତ କରି ରାଣୀ ଶବ୍ୟା ଏବଂ ଶିଶୁପୁତ୍ର ସତ୍ୟବାନଙ୍କୁ ବନ୍ଦୀ କରି ନେଇଯାଇଥିଲେ। ପ୍ରଜାମାନେ ବ୍ୟଥିତ ହୋଇ ଭଗବାନଙ୍କୁ ଆକୁଳ ପ୍ରାର୍ଥନା କରିବାରୁ ଭଗବାନ ମାଧବ ରୂପରେ ଏଠାରେ ଜନ୍ମନେଇ ରାକ୍ଷସକୁ ହତ୍ୟା କରିଥିଲେ, ଯେଉଁ ସ୍ଥାନ ବର୍ତ୍ତମାନ ତୋଟାସାହି ନାମରେ ନାମିତ ହୋଇଛି। ରାଜାଙ୍କ ପୁତ୍ର ସତ୍ୟବାନ ରାଜ୍ୟଭାର ଗ୍ରହଣ କରିଥିଲେ। ଏଠାକାର ଏକ ତେନ୍ତୁଳି ବୃକ୍ଷ ମୂଳେ ମା' ସାବିତ୍ରୀ ଓ ସତ୍ୟବାନଙ୍କ ମୁଗୁନି ପଥର ମୂର୍ତ୍ତି ସହ ପାର୍ଶ୍ୱଦେବତା ଭାବେ ମହାବଳୀ ହନୁମାନ ପୂଜା ପାଇ ଆସୁଛନ୍ତି। ଏହି ପ୍ରାଚୀନ ପୀଠର ଉନ୍ନତି ଦାୟିତ୍ୱ ସରକାର ହାତକୁ ନେଲେ ଏହାର ପ୍ରସିଦ୍ଧି ବ୍ୟାପକ ହୋଇପାରନ୍ତା ବୋଲି ଓଡ଼ଙ୍ଗ ପଞ୍ଚାୟତର ପୂର୍ବତନ ସରପଞ୍ଚ କିଶୋର କିଙ୍କର ପଢ଼ିଆରୀ ମତ ପ୍ରକାଶ କରିଛନ୍ତି।

# ୨ଲକ୍ଷର ଶାଗୁଆନ ଜବତ

**ରାଜପଥରେ ବନ ବିଭାଗର ଚଢ଼ାଉ**

ରୂପସା, ୨୯।୫(ଡି.ଏନ.ଏ.)

ବାଲେଶ୍ୱର ୬୦ ନଂ. ଜାତୀୟ ରାଜପଥର ବସ୍ତା ଥାନା ଅଧୀନ ମଥାନୀ ବାଇପାସ୍ ନିକଟ କଟିପୋଲଠାରେ ଶନିବାର ରାତିରେ ବନବିଭାଗ ପକ୍ଷରୁ ଅତର୍କିତ ଚଢ଼ାଉ କରାଯାଇଛି। ଦୁଇଟି ପିକ୍‌ଅପ୍ ଭ୍ୟାନ୍ (ନଂ. ଓଡ଼ି୦୧ଏଏଚ୍-୦୯୨୪ ଓ ଓଡ଼ି୦୧ଏଜେ-୨୩୨୬)ରେ ଶାଗୁଆନ ଗଣ୍ଡି ବୋଝେଇ ହୋଇ ପଶ୍ଚିମବଙ୍ଗ ଚାଲାଣ ହେଉଥିବା ବନବିଭାଗ ପାଖରେ ଖବର ଥିଲା। ଫରେଷ୍ଟ ରେଞ୍ଜର ଗଣେଶ ପ୍ରସାଦ ଲେଙ୍କାଙ୍କ ନେତୃତ୍ୱରେ ଫରେଷ୍ଟର ଇତିଶ୍ରୀ ମହାପାତ୍ର, ଫରେଷ୍ଟଗାର୍ଡ଼ ଶଶାଙ୍କ ଶେଖର ଜେନା ପ୍ରମୁଖ ଏକ ସ୍ୱତନ୍ତ୍ର ଟିମ୍ ସହ ଚଢ଼ାଉ କରି ଦୁଇଟି ଯାକ ଭ୍ୟାନ୍‌କୁ ଜବତ କରିଥିଲେ। କିନ୍ତୁ ଡ୍ରାଇଭରଦ୍ୱୟ ଘଟଣାସ୍ଥଳରୁ ଚମ୍ପଟ ମାରିଥିବା ବିଭାଗ ପକ୍ଷରୁ କୁହାଯାଇଛି। ଜବତ ଶାଗୁଆନ ଗଣ୍ଡିର ମୂଲ୍ୟ ୨ଲକ୍ଷ ଟଙ୍କା ହେବ ବୋଲି ଫରେଷ୍ଟର କହିଛନ୍ତି। ଏ ସଂକ୍ରାନ୍ତରେ ବିଭାଗ ପକ୍ଷରୁ ୨ଟି ପୃଥକ୍ ମାମଲା



ଜବତ କାଠ ବୋଝେଇ ଭ୍ୟାନ।

(ନଂ. ୦୭ ଓ ୦୮/୨୦୨୨-୨୩) ରୁଜୁ ହୋଇ ଅଧିକ ତଦନ୍ତ ଜାରିରହିଛି। ତେବେ ରୂପସା ଥାନା ଅଞ୍ଚଳର ଦୁଇ ଜଣ କାଠ ବ୍ୟବସାୟୀ ଏହି ଚୋରା ଚାଲାଣରେ ସମ୍ପୃକ୍ତ ଥିବା ଜଣାଯାଇଛି। ନିୟମିତ ରାତିରେ ଲଛମନଖୁଣ୍ଟା-ରାଉତପଡ଼ା ରାସ୍ତା ଓ ମୟୂରଭଞ୍ଜର ପାଇକସାହି-ନୂଆଗାଁ ରାସ୍ତା ଦେଇ ରାଜପଥର କଟିପୋଲ ହୋଇ ବିଭିନ୍ନ ଅଞ୍ଚଳକୁ କାଠ ମାଫିଆମାନେ ମୂଲ୍ୟବାନ କାଠ ଚୋରା ଚାଲାଣ କରୁଥିବା ଅଭିଯୋଗ ହୋଇ ଆସୁଥିଲା।

# ପ୍ରାଥମିକ ବିଦ୍ୟାଳୟ ପିଲାଙ୍କ ପାଇଁ ମିନି ଲାଇବ୍ରେରି



ପିଲାମାନେ ଝୁଲା ଲାଇବ୍ରେରୀରେ ବହି ଦେଖୁଛନ୍ତି।

କେନ୍ଦୁଝର, ୨୯।୫( ସ୍ବ.ପ୍ର.)

ଛୋଟ ଛୋଟ ପିଲା ମାନଙ୍କୁ ପାଠପଢା ପ୍ରତି ଆଗ୍ରହ ବୃଦ୍ଧି କରିବା ସହ ପାଠ ସହିତ ଅନ୍ୟାନ୍ୟ ବିଷୟରେ ଜ୍ଞାନ ଆହରଣ କରି ସେମାନଙ୍କ ଦକ୍ଷତା ବୃଦ୍ଧି କରିବା ପାଇଁ ଜିଲା ପ୍ରଶାସନ ପକ୍ଷରୁ ଏକ ନୂତନ ପଦକ୍ଷେପ ଗ୍ରହଣ କରାଯାଇଛି। କେନ୍ଦୁଝର ଜିଲାର ୧୩ଟି ବ୍ଲକର ୧୭୦୦ ପ୍ରାଥମିକ ବିଦ୍ୟାଳୟକୁ ମିଳିବ ସମୁଦାୟ ୨୨୪୮ ଝୁଲା ମିନି ଲାଇବ୍ରେରୀ। ସେଥିରୁ ୯ଟି ବ୍ଲକର ୧୨୧୪ ସ୍କୁଲକୁ ୧୬୦୮ କିଟ୍ ପ୍ରଦାନ କରାଯାଇଛି । ଅବଶିଷ୍ଟ ୪ଟି ବ୍ଲକ ଚମ୍ପୁଆ, ଘଷିପୁରା, ହାଟଡିହୀ ଓ ତେଲକୋଇ ବ୍ଲକର ୪୮୬ ସ୍କୁଲକୁ ୬୪୦ କିଟ୍ ଆସନ୍ତା ଜାନୁୟାରୀ ମାସ ମଧ୍ୟରେ ପ୍ରଦାନ କରାଯିବ ବୋଲି ପ୍ରଶାସନ ପକ୍ଷରୁ ସୂଚନା ଦିଆଯାଇଛି।

ଛୋଟ ଛୋଟ ପିଲା ମାନଙ୍କ ମଧ୍ୟରେ ପଢିବାର ଆଗ୍ରହ ବୃଦ୍ଧି କରିବା, ଶ୍ରେଣୀ କକ୍ଷରେ ବିଭିନ୍ନ ପ୍ରକାରର ବହି ଉପଲବ୍ଧ କରାଇବା ସହ ବିଭିନ୍ନ ଶିକ୍ଷଣୀୟ ତଥା କୌତୁହଳପ୍ରଦ ବିଷୟ ଅବଗତ କରାଇବା ତଥା ସେମାନଙ୍କ ପଢିବା ଦକ୍ଷତା ବୃଦ୍ଧି କରିବା ଏହି କାର୍ଯ୍ୟକ୍ରମର ମୁଖ୍ୟ ଉଦ୍ଦେଶ୍ୟ ବୋଲି ଜିଲାପାଳ ଆଶୀଷ ଠାକରେ ଜଣାଇଛନ୍ତି। ଏହି ଲାଇବ୍ରେରୀରେ ପିଲାଙ୍କ ବୁଝିବା ଭଳି ଓ ରଙ୍ଗୀନ ଚିତ୍ରିତ ପୁସ୍ତକ ଯୋଗାଇଦିଆଯିବ। ପିଲା ମାନଙ୍କ ବୟସ ତଥା ପାଠ ପଢା ଜ୍ଞାନକୁ ଆଧାର କରି ଓଡିଆ, ଇଂରାଜୀ ତଥା ହିନ୍ଦିରେ ଲିଖିତ ପୁସ୍ତକ ଯୋଗାଇ ଦିଆଯାଉଛି। ସେଥିରୁ ୫୦ ପ୍ରତିଶତ ଓଡିଆ, ୨୫ ପ୍ରତିଶତ ଇଂରାଜୀ ଓ ୨୫ ପ୍ରତିଶତ ହିନ୍ଦୀ ବହି ଯୋଗାଇଦିଆଯାଉଛି। ଜିଲା ଖଣିଜ ପ୍ରତିଷ୍ଠାନ ପାଣ୍ଠିରୁ ଏହି ଲାଇବ୍ରେରୀ ପ୍ରତିଷ୍ଠା କରାଯାଉଛି ବୋଲି ସୂଚନା ଦିଆଯାଇଛି।

# ଡ୍ରାଇଭର ମହାସଂଘ ସମ୍ମିଳନୀ

ବିଶୋଇ,୨୯।୫(ଡି.ଏନ.ଏ)

ଓଡ଼ିଶା ଡ୍ରାଇଭର ମହାସଂଘ ଆନୁକୂଲ୍ୟରେ ମୟୂରଭଞ୍ଜ ଜିଲାର ଡ୍ରାଇଭରମାନଙ୍କୁ ନେଇ ବିଶୋଇ ଠାରେ ଏକ ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି। ଜିଲାର ଶତାଧିକ ଡ୍ରାଇଭର ଏକତ୍ରିତ ହୋଇ ଭାତଛତ୍ର ସ୍ଥିତ ଜଗନ୍ନାଥ ମନ୍ଦିରରୁ ଏକ ବିଶାଳ ବାଇକ୍ ଶୋଭାଯାତ୍ରାରେ ବାହାରି ବିଶୋଇ ବଜାର ସ୍ଥିତ ବିରସା ମୁଣ୍ଡା ଛକଠାରେ ପହଞ୍ଚିଥିଲେ। ସଂଘର ବରିଷ୍ଠ କର୍ମକର୍ତ୍ତାମାନେ ବିରସା ମୁଣ୍ଡାଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରିଥିଲେ। ପରେ ସମସ୍ତେ ଆଦିବାସୀ ନୃତ୍ୟ ଓ ଢୋଲ ବାଜାର ତାଳେତାଳେ ସଭାସ୍ଥଳକୁ ଆସିଥିଲେ। ସଭାରେ ମୁଖ୍ୟଅତିଥି ଭାବେ ଓଡ଼ିଶା ଡ୍ରାଇଭର ମହାସଂଘର ରାଜ୍ୟ ସଭାପତି ପ୍ରଶାନ୍ତ ମେଣ୍ଢୁଲି , ସମ୍ମାନିତ ଅତିଥି ସଂଘର ରାଜ୍ୟ ଉପସଭାପତି ସୁମନ ଅଲଟିଆ,ସମ୍ପାଦକ ଚୈତନ୍ୟ ପ୍ରଧାନ, ସହ ସମ୍ପାଦକ ଘନଶ୍ୟାମ ବେହେରା, ମାନସ ଦେବତା, ମୟୂରଭଞ୍ଜ ଜିଲାର ଉପସଭାପତି କ୍ରିଷ୍ଣା ନାୟକ,ସମ୍ପାଦକ ଘନଶ୍ୟାମ ମହାନ୍ତ,ସହ ସମ୍ପାଦକ ଜ୍ୟାତିନ ମହାନ୍ତ, କୋଷାଧ୍ୟକ୍ଷ ରାଜକ୍ରିଷ୍ଣା ମହାକୁଡ଼, ବରଗଡ଼ ଜିଲା ସଭାପତି ନୀଳାମ୍ବର ସାହା, ସହ ସମ୍ପାଦକ ତଥା ବରଗଡ଼ ପ୍ରସିଦ୍ଧ ଧନୁଯାତ୍ରାରେ କଂସ ଚରିତ୍ରରେ ଅଭିନୟ କରୁଥିବା ଲୋକପ୍ରିୟ ଅଭିନେତା ଆଶାରାମ ଖମାରୀ ମଞ୍ଚାସୀନ ଥିଲେ। ସଂଘର ବିଶୋଇ ବ୍ଲକ ସଭାପତି ମୁରଲୀଧର ନାୟକ, ଉପସଭାପତି ସଞ୍ଜିତ ଗିରି, ସମ୍ପାଦକ ପରକ୍ଷୀତ ମହାନ୍ତ, ସହସମ୍ପାଦକ ରାଜ କିଶୋର ମହାନ୍ତ, କୋଷାଧ୍ୟକ୍ଷ ନାରାୟଣ ଜାମୁଦା ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।

# ଗୋଟିଏ ଜମିକୁ ଦୁଇ ଥର ବିକ୍ରି ନେଇ ଅଭିଯୋଗ

କେନ୍ଦୁଝର, ୨୯।୫( ସ୍ବ.ପ୍ର.)

କେନ୍ଦୁଝର ଟାଉନ ଥାନା ଅନ୍ତର୍ଗତ ବଡହଲ ଅଞ୍ଚଳରେ ୧୦ ଡେସିମିଲ ଜମିକୁ ଦୁଇ ଥର ବିକ୍ରି କରାଯାଇଥିବା ନେଇ ଥାନାରେ ଅଭିଯୋଗ ହୋଇଛି । ଖାତା ନମ୍ବର ୪୫ ର ପ୍ଲଟ ନମ୍ବର ୨୬୩ ରେ ଏହି ବେଆଇନ ବିକ୍ରି ହୋଇଥିବା ଅଭିଯୋଗ ହୋଇଛି । ଜାଲ କାଗଜପତ୍ର କରି ଏହି ଜମି ବିକ୍ରି ହୋଇଥିବା ମାଧପୁର ଅଞ୍ଚଳର କୁମୁଦିନି ବାରିକ ଥାନାରେ ଲିଖିତ ଅଭିଯୋଗ କରିଛନ୍ତି। ତେବେ ପୋଲିସ ତଦନ୍ତ ପରେ ସତ୍ୟାସତ୍ୟ ଜଣାପଡିବ ବୋଲି ମତ ପ୍ରକାଶ ପାଉଛି। ମିଳିଥିବା ସୂଚନା ଅନୁଯାୟୀ ଉକ୍ତ ପ୍ଲଟ ରୁ ୨୫ ଡେସିମିଲ ଜମିର ପତ୍ତା ମିଳିଲା ନାହିଁ। ପରେ ଏନେଇ ଜମିର ଇନକମ୍ବ୍ରାନସ ସାର୍ଟିଫିକେଟ (ଇସି) ଜିଲା ସବ ରେଜିଷ୍ଟ୍ରାରରୁ ବାହାର କରିବା ପରେ ଏଭଳି ବେଆଇନ କାମ ହୋଇଥିବା ଜଣାପଡିଥିଲା। ସହରରେ ଜମି କାରବାର କରୁଥିବା ଜଣେ ପ୍ରଭାବଶାଳୀ ଲୋକ ଏଥିରେ ସାମିଲ ଥିବାରୁ ଏହି ବେଆଇନ କାମ ସମ୍ଭବ ହୋଇଛି। ଏହି ଦୁଇଟି କବଲାରେ ବିକିବା ଓ କିଣିବା ଲୋକ ସମାନ ଅଛନ୍ତି। ଏଣୁ ଏହାର ତଦନ୍ତ ହେବା ଜରୁରୀ। ନଚେତ ବାଧ ହୋଇ କୋର୍ଟର ଆଶ୍ରୟ ନେବେ ବୋଲି ତାଙ୍କ ଓକିଲ ଗୁଲାମ ସରଓନ ରାଇନ କହିଛନ୍ତି। ଏପରିକି ଗୋଟିଏ କବଲାର ଜମିର କିସମ ବଦଳାଯାଇ ଘରବାଡି କରାଯାଇଥିବା ରାଇନ ଅଭିଯୋଗ କରିଛନ୍ତି ।

# ପ୍ରତିଭା ବିକାଶର ଏକ ଅଭିନବ ପ୍ରୟାସ




ଖବରକାଗଜରେ ପ୍ରସ୍ତୁତ ବ୍ୟାଗ୍ ସହ ଛାତ୍ରୀଛାତ୍ର।

ବାଲେଶ୍ୱର ଅଫିସ, ୨୯।୫

ବାଲେଶ୍ୱର ସହଦେବଖୁଣ୍ଟାସ୍ଥିତ ଅଗ୍ରଣୀ ନୃତ୍ୟ, ସଙ୍ଗୀତ, ଚିତ୍ରକଳା ପ୍ରଶିକ୍ଷଣ କେନ୍ଦ୍ର 'ନାଚ୍' ପକ୍ଷରୁ ଶିଶୁ ଓ କିଶୋରମାନଙ୍କ ପ୍ରତିଭାର ବିକାଶ ପାଇଁ ୧୨ ଦିନିଆ ସମର କ୍ୟାମ୍ପ ଆୟୋଜନ କରାଯାଇଛି। ଆସନ୍ତା ଜୁନ ୨ତାରିଖ ପର୍ଯ୍ୟନ୍ତ ଏହି କ୍ୟାମ୍ପ ଚାଲୁ ରହିବ। କ୍ୟାମ୍ପରେ ସହରର ବିଭିନ୍ନ ବିଦ୍ୟାଳୟର ଛାତ୍ରୀଛାତ୍ର ଅଂଶଗ୍ରହଣ କରିଛନ୍ତି। କ୍ୟାମ୍ପରେ ହିନ୍ଦୀ ସାହିତ୍ୟର ଲେଖିକା ନମିତା ପଣ୍ଡା, ନାଚ୍‌ର ପ୍ରତିଷ୍ଠାତା ଅରୁଣାଂଶୁ ପାଣିଗ୍ରାହୀ, ବିଶିଷ୍ଟ ନୃତ୍ୟଶିଳ୍ପୀ ରୋନାଲିସା ପଣ୍ଡା, ଚିତ୍ରକର ଅଜୟ ତୁଲିକା ଘୋଷ, ନୃତ୍ୟଗୁରୁ ସେକ ରାଜା, ଅର୍ଚ୍ଚିଶା ପାଣିଗ୍ରାହୀ ପ୍ରମୁଖ ଛାତ୍ରୀଛାତ୍ରଙ୍କୁ ନୃତ୍ୟ, ସଙ୍ଗୀତ, ଯୋଗ, ଚିତ୍ର, କ୍ରାଫ୍ଟ, ଗଳ୍ପ କଥନ, ଖେଳରେ ଖେଳରେ ନୀତି ଶିକ୍ଷା, ସାଧାରଣ ଜ୍ଞାନ ଖେଳ, କାର୍ଡ଼ ତିଆରି, ରାମ୍ପ ୱାକ୍, ସେଲ୍ଫ ଇନଟ୍ରଡ଼କ୍ସନ ଇତ୍ୟାଦି ଶିକ୍ଷା ପ୍ରଦାନ କରୁଛନ୍ତି।

# ସିପିଆଇଏମ୍‌ର ପଥପ୍ରାନ୍ତ ସଭା

ଭଦ୍ରକ ଅଫିସ,୨୯।୫

ସିପିଆଇଏମ୍ ବନ୍ତ ଆଞ୍ଚଳିକ କମିଟିର ଆଗରପଡ଼ା ଶାଖା ପକ୍ଷରୁ ଶନିବାର ସନ୍ଧ୍ୟାରେ ଏକ ପଥପ୍ରାନ୍ତ ସଭା ଆଗରପଡ଼ା ବଜାର କୁପାରୀ ଛକଠାରେ ଅନୁଷ୍ଠିତ ହୋଇଯାଇଛି। ସମ୍ପାଦକ ସାଥୀ ପ୍ରଭାସ ଚନ୍ଦ୍ର ମହାପାତ୍ର ଏଥିରେ ସଭାପତିତ୍ୱ କରିଥିଲେ। ବିଶିଷ୍ଟ ଶ୍ରମିକ ନେତା, ଆଇନଜୀବୀ ତଥା ଜିଲା ସମ୍ପାଦକ ଦିବ୍ୟସିଂହ ନାୟକ, ଆଇନଜୀବୀ ଯୁବ ନେତା ପ୍ରତାପ ସେଠୀ, ଅଖିଳ ଭାରତ ଗଣତାନ୍ତ୍ରିକ ମହିଳା ସମିତିର ବନ୍ତ ବ୍ଲକ ସମ୍ପାଦିକା ରୋଜାଲିନ ସାମ୍ୟବାଦୀ ପ୍ରମୁଖ ଯୋଗଦେଇ ବଜାର ଦର, କଳାବଜାର, ବଜାରରେ ଅହେତୁକ ଦର ବୃଦ୍ଧି, ଔଷଧରେ କଳାବଜାର, ପେଟ୍ରୋଲ, ଡିଜେଲ, ରନ୍ଧନ ଗ୍ୟାସ୍ ଆଦିର ବାରମ୍ବାର ମୂଲ୍ୟ ବୃଦ୍ଧି ନେଇ ସରକାରଙ୍କୁ ସମାଲୋଚନା କରିଥିଲେ। ଅନିୟନ୍ତ୍ରିତ ବଜାର ଦର, ଖଣି ଖାଦାନ ଆଦି ନିଲାମ ବିରୋଧରେ ପ୍ରତିବାଦ ଜଣାଇବା ସହ ଏହା ଉପରେ ସରକାର ଅଙ୍କୁଶ ନ ଲଗାଇଲେ ଦଳ ରାଜରାସ୍ତାକୁ ଓହ୍ଲାଇବ ବୋଲି ଚେତାବନୀ ଦିଆଯାଇଛି। ଭଗବାନ ପଲେଇ, ସନାତନ ଜେନା, ଭୈରବ ଜେନା, ଭୀମସେନ ଭୂୟାଁ, ରୋହିତ ପେଡି, ଶତ୍ରୁଘ୍ନ ଜେନା, ଚନ୍ଦ୍ରମଣି ଗିରି ପ୍ରମୁଖ ସଭାରେ ଯୋଗ ଦେଇଥିଲେ।

# ବଦଳିଲେ ବ୍ଲକ ଶିକ୍ଷାଧିକାରୀ

ବନ୍ତ, ୨୯।୫(ଡି.ଏନ.ଏ.): ବାରମ୍ବାର ଅଭିଯୋଗ, ସମ୍ବଳ ଶିକ୍ଷୟିତ୍ରୀ ଜିଲା ଶିକ୍ଷାଧିକାରୀ ଓ ଜିଲାପାଳଙ୍କ ନିକଟରେ ଫେରାଦ ହେବା ପରେ ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ ପକ୍ଷରୁ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇଛି। ବ୍ଲକ ଶିକ୍ଷାଧିକାରୀ ଅଧୀର କୁମାର ତରାଇଙ୍କୁ ଶିକ୍ଷା ବିଭାଗ ନିର୍ଦ୍ଦେଶନାମା ନଂ. ଏସ୍‌ଏମ୍‌ଇ-ଏଫ୍‌ଇ-ଓଇଏସ୍-୦୧୫୨-୨୦୨୨/୧୧, ୪୮/ଏସ୍‌ଏମ୍‌ଇ/୨୭।୫।୨୨ ଅନୁଯାୟୀ ଭଣ୍ଡାରିପୋଖରୀ ବ୍ଲକକୁ ବଦଳି କରାଯାଇଛି। ପ୍ରକାଶଥାଉକି, ସମ୍ବଳ ଶିକ୍ଷୟିତ୍ରୀ ଚୁନାବାଳା ଦାଶ ବ୍ଲକ ଶିକ୍ଷାଧିକାରୀଙ୍କ ବିରୋଧରେ ଅଭିଯୋଗ କରିବା ପରେ କାର୍ଯ୍ୟାନୁଷ୍ଠାନ ନିଆ ନ ଯିବାରୁ ବିଇଓ ଅଫିସ ଆଗରେ ଧାରଣାରେ ବସିଥିଲେ।

# ସୂଚନା ଫଳକରେ ଅଟକିଛି ରାସ୍ତା କାମ

**ହାଣ୍ଡିଭଙ୍ଗା ଜଳପ୍ରପାତ**

ଯୋଡ଼ା, ୨୯।୫(ଡି.ଏନ.ଏ.)

ରାଜ୍ୟର ଏକ ପ୍ରମୁଖ ପର୍ଯ୍ୟଟନସ୍ଥଳୀ ଭାବେ ପରିଗଣିତ କେନ୍ଦୁଝର ଜିଲାର ଯୋଡ଼ା ବ୍ଲକରେ ଅବସ୍ଥିତ ହାଣ୍ଡିଭଙ୍ଗା ଜଳପ୍ରପାତକୁ ରାସ୍ତା ନ ଥିବାରୁ ପର୍ଯ୍ୟଟକମାନେ ଆସିଲେ ଦୁର୍ଦ୍ଦଶା ଭୋଗୁଛନ୍ତି। ଏହି ପର୍ଯ୍ୟଟନସ୍ଥଳୀକୁ ଝାଡ଼ଖଣ୍ଡ, ପଶ୍ଚିମବଙ୍ଗ ପ୍ରଭୃତି ପଡ଼ୋଶୀ ରାଜ୍ୟରୁ ଦୈନିକ ପର୍ଯ୍ୟଟକ ଆସିଥାନ୍ତି। ପ୍ରଧାନମନ୍ତ୍ରୀ ସଡ଼କ ଯୋଜନାରେ ୫ କି.ମି ରାସ୍ତା ନିର୍ମାଣର ଫଳକ ୨୦୨୧ ମସିହାରୁ ଲଗାଯାଇଥିଲେ ହେଁ ଉକ୍ତ ରାସ୍ତାଟିର ନିର୍ମାଣ କାର୍ଯ୍ୟ ଆରମ୍ଭ ହୋଇ ନାହିଁ।

ହାଣ୍ଡିଭଙ୍ଗା ଅଞ୍ଚଳର ଜଣେ ଖବରଦାତା ରବୀନ୍ଦ୍ର ଖମାଣିଆ ଅଭିଯୋଗ କରି କହିଛନ୍ତି, ୨୦୨୧ମସିହା ସେପ୍ଟେମ୍ବର ୧୮ ତାରିଖରେ ଏହି ରାସ୍ତାର ନିର୍ମାଣ କାର୍ଯ୍ୟ ଆରମ୍ଭ ହୋଇ ୨୦୨୨ ମସିହା ଅଗଷ୍ଟ ୭ ତାରିଖରେ କାର୍ଯ୍ୟ ସମ୍ପୂର୍ଣ୍ଣ କରାଯିବାର ଧାର୍ଯ୍ୟ ଥିବାବେଳେ ବର୍ତ୍ତମାନ ପର୍ଯ୍ୟନ୍ତ ଏହି ରାସ୍ତା ଆରମ୍ଭ ହୋଇ ନାହିଁ। କେବଳ ଫଳକରେ ଏହି ରାସ୍ତା ନିର୍ମାଣ କରାଯାଇଥିବାର ସୂଚନା ଦିଆଯାଇଛି। ଏହି କାର୍ଯ୍ୟକୁ ଏକ ଠିକା ସଂସ୍ଥାକୁ ଦିଆଯାଇଛି। ତେବେ ସମୟସୀମା ଅତିକ୍ରାନ୍ତ ହୋଇଯାଇଥିଲେ ହେଁ ଠିକା ସଂସ୍ଥା ପକ୍ଷରୁ କାହିଁକି କାର୍ଯ୍ୟ ଆରମ୍ଭ କରାଯାଇ ନାହିଁ ଏଥିପ୍ରତି ଜନସାଧାରଣରେ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ଜିଲା ଖଣିଜ ପାଣ୍ଠିରେ ହଜାର ହଜାର କୋଟି ଟଙ୍କା ଥାଇ ମଧ୍ୟ ଯୋଡ଼ାବ୍ଲକର ତିନିଧାରିଆ, ମୂର୍ଗାମହାଦେବ, ହାଣ୍ଡିଭଙ୍ଗା, ଗୁରୁବେଡ଼ା ଭଳି ଅନେକ ପର୍ଯ୍ୟଟନସ୍ଥଳୀ ଅବହେଳିତ ହୋଇପଡ଼ିଛି। ଏସମ୍ପର୍କରେ ଆରଡ଼ି ବିଭାଗର ଯନ୍ତ୍ରୀ କରୁଣାକର ନନ୍ଦ କହିଛନ୍ତି, ଏହି ରାସ୍ତାରେ ରିଜର୍ଭ ଜଙ୍ଗଲ, ମେଗା ଜଳଯୋଗାଣ ପାଇପ ଲାଇନ, ଓଡ଼ିଶା ଖଣି ନିଗମ ଗେଟ ପ୍ରଭୃତି ରହିଥିବାରୁ ରାସ୍ତା ସମ୍ପ୍ରସାରଣ ହୋଇପାରି ନାହିଁ। ଏଣୁ ଏହି ରାସ୍ତାର ପୁନଃ ଏଷ୍ଟିମେଟ କରାଯାଇ ଅନୁମୋଦନ ମିଳିଲେ କାର୍ଯ୍ୟ ଆରମ୍ଭ କରାଯିବ।




ଯୋଡ଼ାରେ ଥିବା ହାଣ୍ଡିଭଙ୍ଗା ଜଳପ୍ରପାତକୁ ରାସ୍ତା।

# ଜଗନ୍ନାଥଙ୍କ ସମ୍ପତ୍ତି ଫେରାଇ ଆଣିବାକୁ ସେବାୟତ ସଂଘର ଦାବି

ବାରିପଦା ଅଫିସ,୨୯।୫

ଦ୍ୱିତୀୟ ଶ୍ରୀକ୍ଷେତ୍ର ବାରିପଦାସ୍ଥିତ ହରିବଳଦେବ ଜୀଉ ବିଜେଙ୍କ ସମ୍ପତ୍ତି ଫେରାଇ ଆଣିବା ନିମନ୍ତେ ଏକ ଖବରଦାତା ସମ୍ମିଳନୀ ରବିବାର ମନ୍ଦିର ପ୍ରାଙ୍ଗଣରେ ଅନୁଷ୍ଠିତ ହୋଇଯାଇଛି। ମଠ ମନ୍ଦିର, ସେବାୟତ ସଂଘର ରାଜ୍ୟ ସଭାପତି କାମେଶ୍ୱର ତ୍ରିପାଠୀ ଅଧ୍ୟକ୍ଷତା କରି ମହାରାଜାମାନେ ମଠମନ୍ଦିରକୁ ଦେଇଥିବା ଜମିବାଡ଼ି ଗୁଡ଼ିକ ଫେରାଇ ଆଣିବାକୁ ଅନୁରୋଧ କରିଛନ୍ତି। ପ୍ରଶାସନ ଓ ଜନସାଧାରଣ ଜବରଦଖଲ କରିଥିବା ଜମିକୁ ଉଚ୍ଛେଦ କରି ଦେବୋତ୍ତର ବିଭାଗକୁ ପ୍ରଦାନ କରା ନ ଗଲେ ଆଗାମୀ ଜୁନ ୨୦ତାରିଖରେ ଶାନ୍ତିପୂର୍ଣ୍ଣ ଅଭିନବ ଉପାୟରେ ସଂଘ ପକ୍ଷରୁ ନୀବନ ନିବାସ ପର୍ଯ୍ୟନ୍ତ ପଦଯାତ୍ରା କରିବେ ବୋଲି ଚେତାବନୀ ଦେଇଛନ୍ତି।

ଗଡ଼ଜାତ ରାଜ୍ୟ ଥିବା ମୟୂରଭଞ୍ଜ ଜିଲା ଓଡିଶାରେ ମିଶ୍ରଣ ହେବା ପରେ ମହାରାଜାମାନେ ବିଭିନ୍ନ ସର୍ତ୍ତମାଧ୍ୟମରେ ମଠମନ୍ଦିର ସମ୍ପତ୍ତିକୁ ସରକାରଙ୍କ ହାତରେ ଟେକି ଦେଇଥିଲେ। ମାତ୍ର ସରକାର ଠିକ ଭାବେ ପରିଚାଳନା କରି ନ ପାରିବାରୁ ଧୀରେ ଧୀରେ ଉକ୍ତ ସମ୍ପତ୍ତି ସାଧାରଣ ଲୋକେ ଓ ପ୍ରଶାସନ ଜବରଦଖଲ କରିଛନ୍ତି। ଏହାର ସିଂହଭାଗ ରାଜସ୍ୱ ପୌର ପରିଷଦକୁ ଯାଉଥିବା ବେଳେ ଅର୍ଥାଭାବ ଯୋଗୁ ଜଗନ୍ନାଥ ମନ୍ଦିରର ଅଚଳାବସ୍ଥା ଦେଖାଯାଇଛି। ଠାକୁରଙ୍କ ରୀତିନୀତିରେ ଓ ଭୋଗଲାଗିରେ ବିଳମ୍ବ ହେଉଥିବା ବେଳେ ସେବାୟତ ମାନେ ଅଳ୍ପ ଦରମାରେ ନିଜର ଗୁଜୁରାଣ ମେଣ୍ଟାଉଛନ୍ତି।

ସୂଚନା ଅନୁଯାୟୀ, ଓଡିଶା ହିନ୍ଦୁ ଧାର୍ମିକ ଅନୁଦାନ କମିଶନରଙ୍କ ପ୍ରଦତ୍ତ ରିପୋର୍ଟ ଅନୁଯାୟୀ ଜିଲାରେ ଥିବା ୧୦ଟି ମଠମନ୍ଦିରର ମୋଟ ୪୦,୨୨୧ଏକର ୯୬ ଡେସିମିଲ ଜାଗା ମଧ୍ୟରୁ ସେଟେଲମେଣ୍ଟ ଜରିଆରେ ୩,୭୭୬ଏକର ଜମିର ହିସାବ ମିଳିଥିବା ବେଳେ ଅବଶିଷ୍ଟ ଜମି ଜବରଦଖଲକାରୀମାନେ ଭୋଗ କରୁଛନ୍ତି । ଏହି ଜମିରୁ ୭ଶହ ଏକର ଜମିରେ ବିଭିନ୍ନ ସରକାରୀ ଅନୁଷ୍ଠାନ ଓ କାର୍ଯ୍ୟାଳୟମାନ ରହିଛି। ଅନ୍ୟ ଜମି ଗୁଡ଼ିକରେ ବସଷ୍ଟାଣ୍ଡ, ଖେଳପଡିଆ, ପୋଖରୀ, ବ୍ୟାଙ୍କ, ରାସ୍ତା ଓ ଦୋକାନଗୃହ ଦଖଲ ଅବସ୍ଥାରେ ରହିଛି । ୨୦୧୫ମସିହାରେ ଆସିଷ୍ଟାଣ୍ଟ କମିଶନର ଜି.ପି ପଣ୍ଡା ଅଡିଟ୍ କରି ଦେବୋତ୍ତର ସମ୍ପତ୍ତି ଜବରଦଖଲ ହୋଇଥିବା ନେଇ ରିପୋର୍ଟ ପ୍ରଦାନ କରିଥିଲେ । ମାତ୍ର ଜିଲା ପ୍ରଶାସନ ପକ୍ଷରୁ କୌଣସ ପଦେକ୍ଷପ ଗ୍ରହଣ କରାଯାଇ ନ ଥିବାରୁ ଠାକୁରଙ୍କ ସମ୍ପତ୍ତିକୁ ଲୁଣ୍ଠନ କରାଯାଇଛି ବୋଲି ସମ୍ମିଳନୀରେ ପ୍ରକାଶ କରିଛନ୍ତି। ଏହି ସବୁ ଜମି ଗୁଡିକ ଫେରାଇ ଆଣିବାକୁ କମିଶନରଙ୍କ ପକ୍ଷରୁ ୨୧ଟି ସ୍ଥାନରେ ଜବରଦଖଲ ଉଚ୍ଛେଦ କରିବା ପାଇଁ ନିର୍ଦ୍ଦେଶ ଦିଆଯାଇଥିବା ବେଳେ ରାଜନେତାଙ୍କ ଚାପରେ ପଡି ଜିଲାପାଳ ଉଚ୍ଛେଦ ପ୍ରକ୍ରିୟାକୁ ବନ୍ଦ କରିଛନ୍ତି। ଫଳରେ ଠାକୁରଙ୍କ ସମ୍ପତି ଫେରାଇ ଆଣିବାରେ ବାଧାବିଘ୍ନ ସୃଷ୍ଟି ହେଉଛି । ଏହାକୁ ନେଇ ସେବାୟତମାନେ ଠାକୁରଙ୍କ ସମ୍ପତ୍ତି ଫେରାଇ ଆଣିବାକୁ ଏଭଳି ନିଷ୍ପତ୍ତି ଗ୍ରହଣ କରିଛନ୍ତି । ଅନ୍ୟମାନଙ୍କ ମଧ୍ୟରେ ରାଧେଶ୍ୟାମ ମହାପାତ୍ର, ମୃତ୍ୟୁଞ୍ଜୟ ମହାପାତ୍ର ଓ ଦୈତାରୀ ବାରିକ ପ୍ରମୁଖ ଉପସ୍ଥିତ ଥିଲେ।




ଖବରଦାତା ସମ୍ମିଳନୀରେ ଉପସ୍ଥିତ ସେବାୟତ।

